

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୦୬ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 06 APRIL 2022

Vol.No. 33 ■ No. 90 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-

ବଦଳିବ ରାଜ୍ୟ ମନ୍ତ୍ରିମଣ୍ଡଳ

ଭୁବନେଶ୍ୱର, ୦୫/୦୪ (ନି.ପ୍ର): ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ପଂଚମ ପାଳି ସରକାରର ୩ବର୍ଷ ପୂର୍ତ୍ତି ପାଳନ ପୂର୍ବରୁ ରାଜ୍ୟ ମନ୍ତ୍ରିମଣ୍ଡଳର ଅଦଳବଦଳ କରିବାକୁ ଯାଉଛନ୍ତି। ମନ୍ତ୍ରିମଣ୍ଡଳରେ ପ୍ରାୟ ୭୦ ପ୍ରତିଶତ ନୂଆ ମୁହଁଙ୍କୁ ଦେଖିବାକୁ ମିଳିବ। ଏଥିପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ଶେଷ ହେବା ସହ କାଉଣ୍ଟଡାଉନ୍ ମଧ୍ୟ ଆରମ୍ଭ ହୋଇଯାଇଛି। ଯଦି ସବୁକିଛି ଠିକଠାକ୍ ରୁହେ, ତା'ହେଲେ ଓଡ଼ିଆ ନବବର୍ଷ ବା ପଣାସଂକ୍ରାନ୍ତି ପରେ ରାଜ୍ୟ ମନ୍ତ୍ରିମଣ୍ଡଳର ନବକଳେବର ହେବାର ସମ୍ଭାବନା ଅଧିକ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁସାରେ, ରାଜ୍ୟ ମନ୍ତ୍ରିମଣ୍ଡଳରେ ବଡ଼ଧରଣର ଅଦଳବଦଳ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ଟିମ୍ ପ୍ରସ୍ତୁତି ଶେଷ କରିଛନ୍ତି। ପଂଚାୟତ ଓ ପୌର ନିର୍ବାଚନରେ ବିଜେଡିକୁ ଅଶାତୀତ ସଫଳତା ମିଳିଥିବାରୁ ଏବଂ ଏବେ ବିଧାନସଭାର ଅଧିବେଶନ ନଥିବାରୁ ମନ୍ତ୍ରିମଣ୍ଡଳ ଅଦଳବଦଳ ନିମନ୍ତେ ବିଜେଡି ସୁପ୍ରିମୋ ନିଷ୍ପତ୍ତି ନେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ନୂଆ ମନ୍ତ୍ରିମଣ୍ଡଳର ରୂପରେଖ ପ୍ରସ୍ତୁତ ହୋଇଛି। ଦୀର୍ଘ ପ୍ରାୟ ଏକବର୍ଷ ଧରି ମନ୍ତ୍ରିମଣ୍ଡଳ ଅଦଳବଦଳକୁ ନେଇ ବିଜେଡି ମହଲରେ ଲବି ଓ ଚାପ ସୃଷ୍ଟି ହେଉଥିଲା। ନବୀନ ନିଜର ମନ୍ତ୍ରିମଣ୍ଡଳରୁ ପ୍ରାୟ ୭୦ ପ୍ରତିଶତ ମନ୍ତ୍ରୀଙ୍କୁ ବିଭିନ୍ନ କାରଣ ପାଇଁ ବାଦ୍ ଦେଇ ସେମାନଙ୍କ ସ୍ଥାନରେ ନୂଆ ସହଯୋଗୀଙ୍କୁ ନେବେ। ଦଳ ଓ ନେତାଙ୍କ ପ୍ରତି ସମ୍ପୂର୍ଣ୍ଣ ଆନୁଗତ୍ୟ ହିଁ ଏହି ନୂଆ ସହଯୋଗୀମାନଙ୍କ ଏକମାତ୍ର ମାପକାଠି। ଅବଶ୍ୟ ନିର୍ବାଚନ ଫଳାଫଳ ଓ ସାଂଗଠନିକ ଆବଶ୍ୟକତାକୁ କେତେକାଂଶରେ ବି ଗୁରୁତ୍ୱ ଦିଆଯାଉଥିବା ଜଣାପଡ଼ିଛି। ବିଜେଡି ସୁପ୍ରିମୋଙ୍କ ପରାମର୍ଶଦାତା ତଥା ଦ୍ୱିତୀୟ କ୍ଷମତାକେନ୍ଦ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ଭାବ୍ୟ ମନ୍ତ୍ରିମଣ୍ଡଳର ରୂପରେଖ ଚୂଡ଼ାନ୍ତ ହୋଇଛି। ଏହି ପ୍ରକ୍ରିୟାରେ ଅନ୍ୟ କୌଣସି ନେତା ଓ ଅଫିସରଙ୍କ ଲବି କିମ୍ବା ପରାମର୍ଶ ବିଶେଷକିଛି ଗୁରୁତ୍ୱ ବହନ କରୁନଥିବାବେଳେ ଗ୍ରହ ଓ ନକ୍ଷତ୍ର ଗଣନା ଉପରେ ମନ୍ତ୍ରିମଣ୍ଡଳ ଅଦଳବଦଳର ସମୟ ନିର୍ଭର କରୁଛି। ନିଜ ଜ୍ୟୋତିଷଙ୍କ ସବୁଜ ସଙ୍କେତ ବିନା କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁନଥିବା ବିଜେଡିର ଏହି କ୍ଷମତାକେନ୍ଦ୍ର ପ୍ରସ୍ତାବିତ ମନ୍ତ୍ରିମଣ୍ଡଳ ଅଦଳବଦଳ ପାଇଁ ମଧ୍ୟ ଅନୁରୂପ ନୀତି ଆପଣାଇଥିବା ଜଣାପଡ଼ିଛି। ଏପ୍ରିଲ ୧୬ରୁ ୨୧ତାରିଖ ମଧ୍ୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ପାଇଁ ତିଥିବାର ଧାର୍ଯ୍ୟ ନିମନ୍ତେ ସମ୍ପୃକ୍ତ ଜ୍ୟୋତିଷଙ୍କୁ କୁହାଯାଇଥିବା ସୂଚନା ମିଳିଛି। ଆଉ ତାଙ୍କର ସବୁଜ ସଙ୍କେତ ମିଳିଲେ ମନ୍ତ୍ରିମଣ୍ଡଳ ଅଦଳବଦଳ ପାଇଁ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଆସନ୍ତା ୬ରୁ ୧୬ତାରିଖ ପର୍ଯ୍ୟନ୍ତ ବ୍ୟକ୍ତିଗତ କାର୍ଯ୍ୟରେ ରାଜ୍ୟ ବାହାରେ ରହିବେ। ସେହିପରି ମନ୍ତ୍ରିମଣ୍ଡଳ ଅଦଳବଦଳ କାର୍ଯ୍ୟ ସମ୍ପାଦନରେ ସଂସଦୀୟ ବ୍ୟାପାର ବିଭାଗର ଗୁରୁତ୍ୱପୂର୍ଣ୍ଣ ▶▶ପୃଷ୍ଠା ୭

ବିଗୁଡ଼ୁଛି ଶ୍ରୀଲଙ୍କା ସ୍ଥିତି : ଖାଇବାକୁ ମିଳୁନି

ନୂଆଦିଲ୍ଲୀ, ୦୫/୦୪ : ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି ଶ୍ରୀଲଙ୍କାର ସମସ୍ୟା । ଆର୍ଥିକ ସଙ୍କଟ ଏଭଳି ଭୟଙ୍କର ହୋଇପଡିଛି ଯେ, ସରକାର ଚଳାଇବାକୁ କୌଣସି ବି ଦଳ ସକ୍ଷମ ହୋଇ ପାରୁନାହାନ୍ତି । ସେପଟେ ଲୋକଙ୍କ ପାଖରେ ଖାଇବାକୁ ସାମଗ୍ରୀ ନାହିଁ । ରୋଷେଇ ପାଇଁ ଗ୍ୟାସ ଓ ଜାଳେଣି ତେଲ ନାହିଁ । ଗାଡି ଚଳାଇବାକୁ ଇନ୍ଧନ ବି ନାହିଁ । ଏପରିକି ସରକାରୀ ପରିବହନ ସେବା ବି ପୁରା ଠପ୍ ହୋଇଯାଇଛି । ଯାହାକୁ ନେଇ ନାଗରିକଙ୍କ ଆକ୍ରୋଶ ବି ବଢିବାରେ ଲାଗିଛି । ଦେବାଳିଆ ଶ୍ରୀଲଙ୍କା, ଚିନ୍ତାରେ ନାଗରିକ । ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥା ବାଧାପ୍ରାପ୍ତ । ଶ୍ରୀଲଙ୍କାରେ ସରକାର ବିରୋଧୀ ନାରାବାଜି ବଢିବାରେ ଲାଗିଛି । ଦେଶରେ ଆର୍ଥିକ ମାନ୍ଦାବସ୍ଥା ପାଇଁ ରାଜପକ୍ଷେ ସରକାରଙ୍କୁ ଦାୟୀ କରିବା ସହ ସଂସଦ ଭବନ ଘେରିଛନ୍ତି ସାଧାରଣ ଜନତା । ଦେଶ ଚଳାଇବାରେ ବିଫଳ ରାଜପକ୍ଷେ ସରକାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରୁଛନ୍ତି ଲୋକେ । ଏହାରି ଭିତରେ ରାଜପକ୍ଷେ ସରକାରଙ୍କ ହାତ ଛାଡିଛନ୍ତି ମେଂଟରେ ଥିବା ସହଯୋଗୀ ରାଜନୈତିକ ଦଳ । ପ୍ରାୟ ୪୧ ଜଣ ନେତା ଦଳ ଛାଡିଥିବା ନେଇ ଜଣାପଡିଛି । ସେହିପରି ଦିନକ ପୂର୍ବରୁ ଅର୍ଥମନ୍ତ୍ରୀ ରୂପେ ଶପଥ ନେଇଥିବା ଅଲି ସାବରି ମଧ୍ୟ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ଯାହା ଶ୍ରୀଲଙ୍କାରେ ପୁଣି ରାଜନୈତିକ ଅସ୍ଥିରତା ସୃଷ୍ଟି କରିଛି । ଶ୍ରୀଲଙ୍କାରେ ଦିନକୁ ଦିନ ମାନବୀୟ ▶▶ପୃଷ୍ଠା ୭

୪୧ ଦିନରେ ପହଞ୍ଚିଲା ରୁଷିଆ-ୟୁକ୍ରେନ୍ ଯୁଦ୍ଧ

ରାଜଧାନୀ କିଭରୁ ହଟି ଡୋନବାସ ଦଖଲ ନେଇ ବଢିଲା

ନୂଆଦିଲ୍ଲୀ, ୦୫/୦୪ : ରୁଷ-ୟୁକ୍ରେନ୍ ଭିତରେ ଯୁଦ୍ଧକୁ ୪୧ ଦିନ ହୋଇ ସାରିଲାଣି । ଦୁଇ ଦେଶ ମଧ୍ୟରେ ଏବେ ବି ଶାନ୍ତି ପ୍ରତିଷ୍ଠା ପାଇଁ ବୁଝାମଣା ହୋଇପାରୁନାହିଁ । ରାଜଧାନୀ କିଭ୍ ଓ ଏହାର ଆଖ ପାଖ ଅଂଚଳରୁ ରୁଷୀୟ ସେନା ପଛକୁ ହଟିଛନ୍ତି ସତ ହେଲେ ୟୁକ୍ରେନ ଉପରେ ଆକ୍ରମଣ କରିବା ବନ୍ଦ ହୋଇନାହିଁ । ସୋମବାର ପୁଣି ଥରେ ୟୁକ୍ରେନ ଖାରକିଭ ସହରରେ ରକେଟ୍ ମାଡ କରିଛି ପୁଟିନ୍ ବାହିନୀ । ଏଥିରେ ୨ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ୪୧ଦିନରେ ୟୁକ୍ରେନ-ରୁଷିଆ ଯୁଦ୍ଧ । ପୁଣି ଖାରକିଭ ଉପରେ ରକେଟ୍ ମାଡ । ୟୁକ୍ରେନ-ରୁଷିଆ ମଧ୍ୟରେ ଯୁଦ୍ଧର ସ୍ଥିତି ଅତି ଭୟଙ୍କର ହେବାରେ ଲାଗିଛି । ରାଜଧାନୀ କିଭ ଓ ଏହାର ଆଖପାଖ ଅଞ୍ଚଳରୁ ରୁଷ ସେନା ପଛକୁ ହଟିବା ପରେ ସେଠାରୁ ଛାଡିଥରା ଦୃଶ୍ୟ ସାରା ବିଶ୍ୱକୁ ଦୋହଲାଇ ଦେଇଛି । ରାସ୍ତାରେ ୟୁକ୍ରେନ ନାଗରିକଙ୍କ ମୃତ ଦେହ ଯେପରି ପଡିଛି ତାହା ପୁଟିନ୍ ବାହିନୀର ହିଂସାତ୍ମକ ଆଚରଣକୁ ବଖାଣିଛି । ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି ତାଙ୍କ ଦେଶରେ ରୁଷ ସେନା ନରସଂହାର କରିଛନ୍ତି । ଲୋକଙ୍କ ହାତ, ଗୋଡ ବାନ୍ଧି ପଛପଟୁ ଗୁଳି ମାରି ହତ୍ୟା କରାଯାଇଛି । ମାଆ, ସ୍ତ୍ରୀ ଓ ପିଲାଙ୍କ ଆଗରେ ଘରର ପୁରୁଷଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ରୁଷୀୟ ସେନା । ଯାହା ଭୟଙ୍କର ଅପରାଧ ବୋଲି ରାଷ୍ଟ୍ରପତି ଜେଲେନସ୍କି ଦାବି କରିଛନ୍ତି । ପାଶ୍ଚାତ୍ୟ ଦେଶ ଗୁଡିକର ରାଷ୍ଟ୍ରନେତାଙ୍କ ଉପରେ ନିଜ ରାଗ ଜାହିର କରିଛନ୍ତି ଜେଲେନସ୍କି । ସେ କହିଛନ୍ତି, "ରୁଷିଆ ବିରୋଧରେ ସେଭଳି କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଆମ ଦେଶର ନିରୀହ ସାଧାରଣ ଲୋକଙ୍କୁ ହତ୍ୟା କରାଯାଇଛି । ହାତ ଗୋଡ ବାନ୍ଧି ତାଙ୍କୁ ଗୁଳି ମରାଯାଇଛି । ମହିଳା, ଛୋଟ ପିଲା କାହାକୁ ବି ▶▶ପୃଷ୍ଠା ୭

ବାଇକ୍ ଉପରେ ମାଡ଼ିଗଲା ପିକ୍‌ଅପ୍ ଭ୍ୟାନ୍ : ବାପା, ଦୁଇ ଝିଅ ଓ ନାତି ମୃତ

ଭଞ୍ଜନଗର, ୦୫/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଦନପୁରରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଉପରେ ପିକ୍‌ଅପ୍ ଭ୍ୟାନ୍ ମାଡ଼ିଯିବାରୁ ୪ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ- ଜୟରାମ ନାୟକ, ତାଙ୍କ ଦୁଇ ଝିଅ ରିଙ୍କି ନାୟକ ଓ ଲକ୍ଷ୍ମୀ ପାତ୍ର ଏବଂ ନାତି ବିଶ୍ୱଜିତ ପାତ୍ର। ଆଜି ଦିନ ପ୍ରାୟ ୧ଟା ସମୟରେ ଜୟରାମ ଦୁଇ ଝିଅ ଓ ନାତିକୁ ଧରି ମୁନିଗାଡ଼ିରୁ ଗାଙ୍ଗପୁର ଅଭିମୁଖେ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ଇନ୍ଦନପୁର ନିକଟରେ ସେମାନଙ୍କ ବାଇକ୍‌କୁ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା। ଜୟରାମଙ୍କୁ ପିକ୍‌ଅପ୍ ଭ୍ୟାନ୍‌ଟି ଚାପି ଦେଇଥିଲା। ତାଙ୍କ ଦୁଇ ଝିଅ ଓ ନାତି ଛିଟିକି ପଡ଼ିଥିଲେ। ଜୟରାମ ଓ ତାଙ୍କ ଦୁଇ ଝିଅଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତାଙ୍କ ନାତି ବିଶ୍ୱଜିତ ପାତ୍ରଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ।

ଶ୍ରୀମନ୍ଦିର ରୋଷଘର ଚୁଲା ଭଙ୍ଗା ଘଟଣାରେ ଜଣେ ଅଟକ

ପୁରୀ, ୦୫/୦୪ (ନି.ପ୍ର): ଶ୍ରୀମନ୍ଦିର ରୋଷଘର ଚୁଲି ଭଙ୍ଗାରୁଜା ଘଟଣାରେ ଜଣଙ୍କୁ ଅଟକ ରଖିଛି ପୋଲିସ । ଟ୍ୱିଟ୍ କରି ଏନେଇ ସୂଚନା ଦେଇଛନ୍ତି ପୁରୀ ଏସପି କନୱର ବିଶାଲ୍ ସିଂ । ସିସିଟିଭି ଫୁଟେଜ ଆଧାରରେ ଚିହ୍ନଟ ହୋଇଥିବା ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖିଛି ପୋଲିସ । ପୁରୀ ଜିଲ୍ଲା ବାହାରୁ ତାଙ୍କୁ ଧରାଯାଇଥିବା ସୂଚନା ମିଳିଛି । ତେବେ ଜଗନ୍ନାଥଙ୍କ ଚୁଲି ଭାଙ୍ଗିବା ଘଟଣାରେ ସିସିଟିଭିର ଫୁଟେଜକୁ ଅନୁଧ୍ୟାନ କରି ପୋଲିସ୍ ଜଣେ ବ୍ୟକ୍ତିଙ୍କ ଉପରେ ତଦନ୍ତ କେନ୍ଦ୍ରୀଭୂତ କରିଥିଲା । ସେମାନଙ୍କ କହିବା ଅନୁସାରେ, ଜଣେ ଜିନ୍ ପ୍ୟାଣ୍ଟ ପିନ୍ଧା ବ୍ୟକ୍ତି ମନ୍ଦିରରେ ଲୁଚି ରହିଥିଲା ଏବଂ ମନ୍ଦିର ପ୍ରଶାସନ ପୁଲିସ୍ ବା ଜେଟିପି ଦେଖିବା ପରେ ତାଙ୍କୁ ବାହାର କରିଦେଇଥିଲେ । ତେବେ ପୁଲିସ୍ ଓ ସେବାୟତ ଉଭୟ ଜେଟିପିର ସେହି କର୍ମଚାରୀଙ୍କ ଉପରେ ପ୍ରଶ୍ନ ଉଠାଇ କହିଥିଲେ ଯେ, ସେ କେମିତି ଛାଡ଼ିଲେ ? କିନ୍ତୁ ସନ୍ଦେହ ହେଉଥିଲା ଏମିତି କୌଣସି ଏକ ବ୍ୟକ୍ତି ଉପରେ ଦୋଷ ଠେଲି ଦେଇ ସତ ଲୁଚାଇବାକୁ ଚେଷ୍ଟା କରାଯାଉଛି କି ? ଆଉ ଏହାରି ଭିତରେ ଏହି ଘଟଣାରେ ଜଣଙ୍କୁ ଅଟକ ରଖିଛି ପୋଲିସ ।

ଟଙ୍କା ସହ ଏଟିଏମ୍ ଲୁଟିନେଲେ ଦୁର୍ବୃତ୍ତ

ଭୁବନେଶ୍ୱର, ୦୫/୦୪ (ନି.ପ୍ର): ଭୁବନେଶ୍ୱର ଶିଶୁପାଳଗଡ଼-ଲିଙ୍ଗିପୁର ହାଉସିଂବୋର୍ଡ ଛକରେ ଥିବା ଏସ୍‌ବିଆଇ ଏଟିଏମ୍ ରୁ ଏଟିଏମ୍ ମେସିନ୍ ତାଡି ନେଇଯାଇଛନ୍ତି ଦୁର୍ବୃତ। ପରେ ଦୟାନଦୀ ପଠାରୁ ଚୋରି ଏଟିଏମ୍ ମେସିନ୍ ଉଦ୍ଧାର ହୋଇଥିଲେ ହେଁ ଚୋରମାନେ ସେଥିରୁ ଟଙ୍କା ନେଇଯାଇଛନ୍ତି। ପୋଲିସ୍ ଘଟଣା ତଦନ୍ତ କରୁଛି। ସୂଚନା ଅନୁଯାୟୀ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତମାନେ ଶିଶୁପାଳଗଡ଼-ଲିଙ୍ଗିପୁର ହାଉସିଂବୋର୍ଡ ଛକରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଏଟିଏମ୍ ର ବିଦ୍ୟୁତ ସଂଯୋଗ କାଟିଥିଲେ। ପରେ ସିସିଟିଭିକୁ ଭାଙ୍ଗି ଦେଇଥିଲେ। ତା'ପରେ ଏଟିଏମ୍ କୁ ତାଟି ନେଇଯାଇଥିଲେ। ଏଟିଏମ୍ ର ଓଜନ ପ୍ରାୟ ସାଢେ ୩ କ୍ୱିଂଟାଲ ହେବ। ଏହା ପରେ ସେମାନେ ଏମ୍.ଏସ୍. ନର୍ସରୀ ବାହାରେ ଠିଆ ହୋଇଥିବା ଟାଟା ଏସ୍‌ସିଇର ଚାବି ଭାଙ୍ଗି ସେଥିରେ ଏଟିଏମ୍ କୁ ଲଦି ପ୍ରାୟ ୩ କିମି ଦୂର ଦୟାନଦୀ ପଠାକୁ ନେଇଯାଇଥିଲେ। ସେଠାରେ ଶାବଳରେ ଏଟିଏମ୍ କୁ ଭାଙ୍ଗି ସେଥିରେ ଥିବା ପ୍ରାୟ ୨୦ରୁ ୨୫ ଲକ୍ଷ ଟଙ୍କା ଦୁର୍ବୃତମାନେ ନେଇଯାଇଥିଲେ। ନିକଟରେ କିଛି ଫଟା ନୋଟ୍ ପଡିଥିବାର ଦେଖିବାକୁ ମିଳିଛି।

ବାଉଁଶ ଫାଳିଆରେ ପିଟି ପିଟି ମାନସଙ୍କୁ କରାଯାଇଥିଲା ହତ୍ୟା

ଭୁବନେଶ୍ୱର, ୦୫/୦୪ (ନି.ପ୍ର): କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲାରେ ତଦନ୍ତ ଯେତିକି ଆଗଉଛି, ସେତିକି ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି । ମାନସଙ୍କୁ ବାଉଁଶ ଫାଳିଆ ଓ କାଠ ଫାଳିଆରେ ପିଟିପିଟି ମାରିଦିଆଯାଇଥିବା ସୂଚନା ମିଳିଛି । କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟାକାଣ୍ଡ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବା ବେଳେ ତଦନ୍ତକାରୀ ଟିମକୁ ସହଯୋଗ କରିଛି ଅଭିଯୁକ୍ତ ଝୁନା ଭୋଇ । ତେବେ ମେମୋରି ଚିପ୍ ସମ୍ପର୍କିତ କୌଣସି ତଥ୍ୟ ପାଇପାରିନାହିଁ କ୍ରାଇମବ୍ରାଞ୍ଚ । ଏପରିକି ମାନସଙ୍କ ଘରକୁ ଯାଇ ମଧ୍ୟ ତଦନ୍ତକାରୀ ଟିମ୍ ମେମୋରି ଚିପ୍ ଖୋଜିସାରିଛି । କ୍ରାଇମବ୍ରାଞ୍ଚ ଟିମ୍ ଭୁବନେଶ୍ୱର ଦୟାଲ ଆଶ୍ରମକୁ ବି ଯାଇଥିଲା । ତେବେ ୩ଟି ବାଉଁଶ ଫାଳିଆ ଓ ଗୋଟିଏ କାଠ ଫାଳିଆ ଜବତ ହୋଇଛି । କୁହାଯାଉଛି, ଏହି ବାଉଁଶ ଫାଳିଆ ଏବଂ କାଠ ଫାଳିଆରେ ମାନସଙ୍କୁ ଅତ୍ୟାଚାର କରାଯାଇଥିଲା । ତେବେ ମାନସଙ୍କୁ ଆକ୍ରମଣ କରାଯାଇଥିବା ସମସ୍ତ ସାମଗ୍ରୀ ଜବତ ହୋଇଛି । ଶର୍ମିଷ୍ଠାଙ୍କ କଥାରେ ଆକ୍ରମଣ ପରେ ସାମଗ୍ରୀକୁ ଫିଙ୍ଗି ଦିଆଯାଇଥିଲା । ଆଉ ଜବତ ସାମଗ୍ରୀ ଏସସିବିର ଏଫଏମଟି ବିଭାଗ ପଠାଯାଇଛି । ଏନେଇ ସୂଚନା ଦେଇଛି କ୍ରାଇମବ୍ରାଞ୍ଚ ।

କଂଗ୍ରେସ ସାଂସଦଙ୍କ ବୈଠକରେ ବିଦ୍ରୋହୀଙ୍କୁ ଏକତା ପାଠ ପଢ଼ାଇଲେ ସୋନିଆ

ନୂଆଦିଲ୍ଲୀ, ୦୫/୦୪ : ବିଧାନସଭା ନିର୍ବାଚନରେ କଂଗ୍ରେସର ବିପର୍ଯ୍ୟୟକୁ ନେଇ ମାନସମନ୍ଥନ ଆରମ୍ଭ କରିଛନ୍ତି ଦଳୀୟ ହାଇକମାଣ୍ଡ। ଆଜି କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧି ଦଳୀୟ ସାଂସଦମାନଙ୍କୁ ଭବିଷ୍ୟତର କାର୍ଯ୍ୟକ୍ରମ ପାଇଁ ଗୁରୁମନ୍ତ୍ରଣା ଦେଇଛନ୍ତି। ଏଥିସହ କଂଗ୍ରେସ ବିଦ୍ରୋହୀଙ୍କୁ ସେ ବାଣ ମଧ୍ୟ ମାରିଛନ୍ତି। ଆଗକୁ ଆହୁରି କଠୋନର ସମୟରେ ସାମ୍ନା କରିବାକୁ ପଡ଼ିବ। ତେଣୁ ଦଳୀୟ ନେତାଙ୍କୁ ସବୁ ସ୍ତରରେ ଏକାଠି ହେବାର ଆବଶ୍ୟକ ରହିଛି ବୋଲି ସୋନିଆ କହିଛନ୍ତି। ଏହାବାଦ ସେ ନିକଟରେ କଂଗ୍ରେସର ନିର୍ବାଚନ ବିପର୍ଯ୍ୟୟକୁ "ଆଶ୍ଚର୍ଯ୍ୟଜନକ ଓ ଯନ୍ତ୍ରଣାଦାୟକ" ଭାବେ ଅବିହିତ କରିଛନ୍ତି। ବୈଠକରେ ସାଂଗଠନିକ ପରିବର୍ତ୍ତନ କଥା କହି ବିଦ୍ରୋହୀ ଗ୍ରୁପର ମାନ୍ୟତା ପାଇଥିବା ତଥାକଥିତ ଜି-୨୩ ନେତାଙ୍କୁ ଇଙ୍ଗିତ କରି ସୋନିଆ କହିଛନ୍ତି, "କଂଗ୍ରେସକୁ କେମିତି ସଶକ୍ତ କରାଯିବ, ସେନେଇ ଅନେକ ପ୍ରସ୍ତାବ ଆସିଛି। ବର୍ତ୍ତମାନ ଏହି ପ୍ରସ୍ତାବ ଗୁଡ଼ିକ ଉପରେ କାମ ମଧ୍ୟ ଆରମ୍ଭ କରାଯାଇଛି। ନିକଟରେ ସାମ୍ନାକୁ ଆସିଥିବା ନିର୍ବାଚନ ଫଳାଫଳରେ ଆପଣମାନେ କେତେ ହତାଶ ହୋଇଛନ୍ତି, ସେକଥା ମୁଁ ଭଲ ଭାବେ ଜାଣିଛି। ▶▶ପୃଷ୍ଠା ୭

ପାକିସ୍ତାନ ରାଜନୀତି : ଖାରଜ କରାଯାଇପାରିବନି ଅନାସ୍ଥା ପ୍ରସ୍ତାବ : ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି

ନୂଆଦିଲ୍ଲୀ, ୦୫/୦୪ : ପାକିସ୍ତାନରେ ଚାଲିଥିବା ରାଜନୈତିକ ଅସ୍ଥିରତା ଦିନକୁ ଦିନ ନୂଆ ମୋଡ଼ ନେଉଛି । ସଂସଦରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ଖାରଜ କରାଯାଇପାରିବ ନାହିଁ ବୋଲି ରୋକଠୋକ କହିଛନ୍ତି ପାକିସ୍ତାନ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି । ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ଖାରଜ କରିବା ଏବଂ ସଂସଦ ଭଙ୍ଗ କରିବା ପରେ ଏଠାରେ ବିରୋଧୀ ଦଳ ଲଗାତାର ଏହାକୁ ଅସାମ୍ବିଧାନିକ ବୋଲି କହିଆସୁଛନ୍ତି । ଯେଉଁ କାରଣରୁ ଏହି ମାମଲା ଏବେ ସୁପ୍ରିମକୋର୍ଟରେ ପହଂଚିଛି । ନ୍ୟାସନାଲ୍ ଆସେମ୍ବଲୀ ଭଙ୍ଗ କରିବା ଏବଂ ସାଧାରଣ ନିର୍ବାଚନ କରିବା ବିରୋଧରେ ମାମଲାରେ ସୁପ୍ରିମକୋର୍ଟରେ ଅଛି । କିନ୍ତୁ

ହାତୀବନ୍ଧା ହାଇସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ

ନୂଆପଡ଼ା,୦୫/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅର୍ନ୍ତଗତ ହାତୀବନ୍ଧା ହାଇସ୍କୁଲ ଠାରେ ସୋମବାର ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଂଚ ଜୟନ୍ତୀ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ । ଏ ଅବସରରେ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଶ୍ରୀମତୀ ବେହେରାଙ୍କ ସହ ସମ୍ମାନିତ ଅତିଥି ଭାବରେ ସମିତିସଭ୍ୟ ସଞ୍ଜୟ ସିଂ ମାଝୀ, ଯୁବ ସମାଜସେବୀ ଗରୁଡ଼ଧ୍ୱଜ ବେହେରା, ଶିକ୍ଷକ ବୈଷ୍ଣବ ମେହେର ପ୍ରମୁଖ ମଂଚାସିନ ଥିଲେ । ପ୍ରାରମ୍ଭରେ ବରିଷ୍ଠ ଶିକ୍ଷୟିତ୍ରୀ ହିମାଦ୍ରୀ ମେହେରେ ଅତିଥି ପରିଚୟ ଦେବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ମାନବ ସଭ୍ୟତାର କଲ୍ୟାଣ ପାଇଁ ବିଜ୍ଞାନର ସୃଷ୍ଟି, ତେଣୁ ବିଜ୍ଞାନର ସଦୁପଯୋଗ ନିମନ୍ତେ ସମସ୍ତେ ସଚେତନ ହେଲେ ଏହା ବିଶ୍ୱ ପାଇଁ ଶୁଭଙ୍କର ହେବ ବୋଲି, ଏ ଅବସରରେ ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ମୋଟ ୪୦ ଗୋଟି ପ୍ରକଳ୍ପର ପ୍ରଦର୍ଶନ କରାଯାଇଥିବା ବେଳେ ସେଥି ମଧ୍ୟରୁ ଦୁଇଟି ପ୍ରକଳ୍ପ, ଛାତ୍ର କ୍ଷୀରମୋହନ ଛତ୍ରୀଆଙ୍କ 'ଶୀତଳ ଭଣ୍ଡାର' ଓ ପିୟୁଷ ମେହେରଙ୍କ 'ଘରୋଇ ଜଳର ସଦୁପଯୋଗ' ବ୍ଲକ ସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶନ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛି । ଆଜିର ବିଜ୍ଞାନ ମେଳା କାର୍ଯ୍ୟକ୍ରମରେ ଶିକ୍ଷକ ସୁବାସ ଚଂଦ୍ର ମେହେର ଓ ଚଂଦ୍ରମଣି ମେହେର ବିଚାରକ ରହିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ବରିଷ୍ଠ ଶିକ୍ଷକ ଭରତ ଚଂଦ୍ର କାନ୍ତ, ପ୍ରିତିଶ ପ୍ରଧାନ, ଜୟନ୍ତ ରାଉତ, ରମେଶ ଚଂଦ୍ର ମେହେର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ହିମାଦ୍ରୀ ମେହେର ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସମେତ ପୂର୍ବତନ ଛାତ୍ରଛାତ୍ରୀ ବିଜ୍ଞାନ ମେଳାରେ ଉପସ୍ଥିତ ଥିଲେ ।

୧୪ ଦଫା ଦାବି ନେଇ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

ବୌଦ୍ଧ,୦୫/୦୪ (ନି.ପ୍ର): ସାରା ରାଜ୍ୟରେ ଅଙ୍ଗନୱାଡି କର୍ମୀ ମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାବେଳେ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରିଛନ୍ତି । ଏନେଇ ଆଜି ବୌଦ୍ଧରେ ଅଙ୍ଗନୱାଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବୌଦ୍ଧ ଜିଲା ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ସହରର ଶ୍ରୀଜଗନ୍ନାଥ ମନ୍ଦିରଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଂଚି ଥିଲା । ସେଠାରେ ବିଭିନ୍ନ ଦାବୀ ନେଇ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦାବୀ ଗୁଡିକ ମଧ୍ୟରେ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା ସହ ଚାକିରୀ ସର୍ତାବଳି ଲାଗୁ, ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିନାହିଁ ସେ ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୨୧ ହଜାର ଓ ପାଚିକା ମାନଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଉ, ଅବସରକାଳୀନ ସହାୟତା ୫ ଲକ୍ଷ ଓ ମାସିକ ୫ ହଜାର ଟଙ୍କା ପେନସନ ପ୍ରଦାନ, ମିନି ଅଙ୍ଗନୱାଡି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀର ମାନ୍ୟତା, ଆନ୍ଦୋଳନ ସମୟରେ ବହିଷ୍କୃତ ୭ ଜଣଙ୍କୁ ପୁନଃ ନିଯୁକ୍ତି ଦିଆଯାଉ, ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା, ମୃତ୍ୟୁକାଳୀନ ସହାୟତା ୫ ଲକ୍ଷ ସହ ପରିବାରର ଜଣକୁ ଚାକିରୀ ପ୍ରଦାନ କରାଯାଉ, ଅଙ୍ଗନୱାଡି କର୍ମୀ ଓ ମିନି ଅଙ୍ଗନୱାଡି କର୍ମୀଙ୍କୁ ଶତ ପ୍ରତିଶତ ସୁପରଭାଇଜର ଭାବେ ପଦୋନ୍ନତି, ଅଙ୍ଗନୱାଡି କର୍ମୀଙ୍କୁ ବରିଷ୍ଠତା ଭିତିରେ ଦରମା ପ୍ରଦାନ, କରୋନାରେ ମୃତ୍ୟୁ ବରଣ କରିଥିବା କର୍ମୀ ଓ ସହାୟିକାଙ୍କୁ କେନ୍ଦ୍ର ସରକାରଙ୍କ ଘୋଷିତ ଅନୁସାରେ ୫୦ ଲକ୍ଷ ଟଙ୍କା ବୀମା , ଶନିବାର ଓ ଛୁଟି ଦିନ କାମ କଲେ ଦୁଇ ଗୁଣ ଦରମା ପ୍ରଦାନ, ପୋଷଣ ଓ ଅନଲାଇନରେ କାମ କରିବାକୁ ଉନ୍ନତ ମାନର ମୋବାଇଲ ପ୍ରଦାନ କରାଯାଉ, ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡିକୁ ବାଦ ଦିଆଯାଉ ଓ ସୋପାନ କାର୍ଯ୍ୟକ୍ରମରେ ଉପଯୁକ୍ତ ପ୍ରାପ୍ୟ ନଦେବା ପର୍ଯ୍ୟନ୍ତ ସେଥିରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ ଦିଆଯାଉ ଆଦି ପ୍ରମୁଖ ଦାବି ରହିଛି । ଏନେଇ ସଂଘ ପକ୍ଷରୁ ଏକ ଦାବୀପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି ବିକ୍ଷୋଭରେ ସଂଘର ସଭାପତି ଉର୍ମିଳା ମହାପାତ୍ର ଓ ସଂପାଦକ ସତ୍ୟବତୀ ସାହୁଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟାମାନେ ସାମିଲ ହୋଇଥିଲେ ।

ଏସି ଡ୍ରପର ସରକିଟ୍ ସଂପର୍କିତ ଏକ ଦିବସୀୟ କର୍ମଶାଳା

ବଲାଙ୍ଗୀର ,୦୫/୦୪ (ନି.ପ୍ର): ନିକଟସ୍ଥ ଗଇଁନ୍ତଲା ସ୍ଥିତ ବୀଣାପାଣି ଶିକ୍ଷା ସୌଧରେ ଏସି ଡ୍ରପର୍ ସରକିଟ୍ ସଂପର୍କିତ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସମୁଦାୟ ୨୫ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ପରିପଥରେ ବିଦ୍ୟୁତ ପ୍ରବାହ କିପରି ହୁଏ, ପରିପଥର ପ୍ରକାର, ବିଦ୍ୟୁତ ବିଭବ, ଓମ୍‌ଙ୍କ ନିୟମ, ପ୍ରତିରୋଧ ପଙ୍‌କ୍ତି ସଂଯୋଗ ଓ ସମାନ୍ତରାଳ ସଂଯୋଗର ତୁଳନା, ଟ୍ରାନ୍ସଫର୍ମର ଓ ଟ୍ରାନ୍ସଫର୍ମର ବିହନୀ ଡ୍ରପର ସର୍କିଟ ସାଂଗକୁ ଏଲ୍‌ଇଡ଼ି ବଲ୍‌ବ ସଂପର୍କରେ କର୍ମଶାଳାରେ ଆଲୋଚନା ହୋଇଥିଲା । ଏହି କର୍ମଶାଳାରେ ଡ.ବି.ଏନ୍.ଶ୍ରୀକାନ୍ତ ରିସୋର୍ସ ପରସନ୍ ଭାବେ ଯୋଗ ଦେଇଥିଲେ । ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଏଭଳି କର୍ମଶାଳା ଆୟୋଜନ କରାଯିବ ବୋଲି ବିଜ୍ଞାନ ସାହିତ୍ୟ ପରିଷଦ ପକ୍ଷରୁ କୁହାଯାଇଛି ।

ଅଧପନ୍ତରିଆ ଅବସ୍ଥାରେ ପଡିରହିଛି ଛକର ଗୋଲେଇ କାମ

ବୌଦ୍ଧ,୦୫/୦୪ (ନି.ପ୍ର): ବୌଦ୍ଧ ସହରର ସୌନ୍ଦର୍ଯ୍ୟକରଣ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ସହରର ମହାନଦୀ ବ୍ରିଜ ଛକ ହେଉ ଅବା ମହାନଦୀରେ ସେତୁରେ ଆଲୋକିକରଣ, ହନୁମାନ ମନ୍ଦିର ଠାରେ ମିନି ପାର୍କ ନିର୍ମାଣ ଏବଂ ସହରର ରାସ୍ତା ଘାଟ ଆଦି ନିର୍ମାଣ ନେଇ ପ୍ରଶାସନ ପକ୍ଷରୁ ଅନେକ ଭଲ କାମ କରାଯାଇଛି । ଯାହାକୁ ନେଇ ଲୋକମାନେ ମଧ୍ୟ ଖୁବ୍ ପ୍ରଶଂସା କରିଛନ୍ତି । ହେଲେ ସହରରେ ଆହୁରି ଅନେକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ଚାଲୁ ରହିଛି । ଏପରିକି ଅନେକ କାର୍ଯ୍ୟ ବାରମ୍ବାର ଭଙ୍ଗା ଗଢାରେ ଚାଲୁ ରହିଛି । ଯାହାଫଳରେ ସରକାରୀ ଅର୍ଥ ଅଯଥାରେ ଖର୍ଚ୍ଚ ହେବାରେ ଲାଗିଛି । ଆଉ କିଛି କାର୍ଯ୍ୟ ଦୀର୍ଘ ଦିନ ହେବ ପଡି ରହିଛି । ସେଥିମଧ୍ୟରୁ ସହରର ନୂଆଁସାହି ଛକଠାରେ ହେବାକୁ ଥିବା ଗୋଲେଇ ଛକ କାର୍ଯ୍ୟ । ଏହି ଗୋଲେଇ କାର୍ଯ୍ୟ ଆରମ୍ଭ ହୋଇ ଦୀର୍ଘ ଦିନ ହେବ ପଡିରହିଛି । ଯାହାଫଳରେ ଜନସାଧାରଣ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରର ୱାରଲେସ ଛକ ଠାରୁ ନୂଆସାହି ଛକ ଦେଇ ଗୋଟିଏ ପଟେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଡକୁ ଯାଇଥିବା ବେଳେ ଆରପଟେ ବୁଟୁପାଲି ଆଡକୁ ଯାଇଛି । ଏହି ସ୍ଥାନଟି ପ୍ରାୟତଃ ଜନଗହଳି ସ୍ଥାନ ହୋଇଥିବା ବେଳେ ଜନଗହଳିକୁ ନିୟନ୍ତ୍ରଣ, ରାସ୍ତାର ପ୍ରଶସ୍ତିକରଣ ଓ ନୂଆସାହି ଛକର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ପକ୍ଷରୁ ଏହି ଗୋଲେଇ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେଥିପାଇଁ ଏଠାରେ ଥିବା ବଡ ବଡ ଗଛକୁ କଟା ଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା । ପୂର୍ବରୁ ଏନଏସି ପକ୍ଷରୁ ସ୍ଥାପିତ ଏକ ପାନୀୟଜଳ ପ୍ରକଳ୍ପ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତିକୁ ମଧ୍ୟ ସେଠାରୁ ହଟାଯାଇଥିଲା । ହେଲେ ବର୍ତମାନ ଏହି କାର୍ଯ୍ୟ ଅଧାରେ ପଡିରହିଛି । ଏହି ବାଟ ଦେଇ ଯାଉଥିବା ଯାତ୍ରୀମାନେ ଯିବା ଆସିବା କରିବାରେ ସମସ୍ୟାର ସମ୍ମୁଖିନ ହେଉଥିବା ଅଭିଯୋଗ କରୁଛନ୍ତି । ପ୍ରତିଦିନ ଶହଶହ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଏହି ରାସ୍ତା ଦେଇ ସ୍କୁଲ, କଲେଜ ଯାଉଛନ୍ତି । ପାଖରେ ଜିଲା ସଂଗ୍ରହାଳୟ ମଧ୍ୟ ରହିଛି । ବିଭିନ୍ନ କାର୍ଯ୍ୟକ୍ରମମାନ ଏଠାରେ କରାଯାଉଛି । ଏହାବ୍ୟତୀତ ଏହି ରାସ୍ତା ଦେଇ ଜିଲାପାଳ, ଜିଲା କୋର୍ଟ ଓ ଏସପିଙ୍କ କାର୍ଯ୍ୟାଳୟ ସମେତ ଅନେକ ପ୍ରମୁଖ କାର୍ଯ୍ୟାଳୟକୁ ପ୍ରତିଦିନ ଶହ ଶହ ସଂଖ୍ୟାରେ କର୍ମଚାରୀ ଓ ସାଧାରଣଲୋକ ଯିବା ଆସିବା କରିଥାନ୍ତି । ଯାହାଫଳରେ ଏହି ରାସ୍ତାରେ ଟ୍ରାଫିକ ବହୁପରିମାଣରେ ବୃଦ୍ଧି ପାଉଅଛି । ଏହି ରାସ୍ତାଟି ସହରର ଏକ ପ୍ରମୁଖ ରାସ୍ତା ହୋଇଥିବାବେଳେ ଅଧପନ୍ତରିଆ ହୋଇ କାର୍ଯ୍ୟ ପଡିରହିବା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତେଣୁ ଏହି ଗୋଲେଇ କାର୍ଯ୍ୟକୁ ତୁରନ୍ତ ସଂପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି । ଏନେଇ ପୂର୍ତ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରଭାତ ଦାଶଙ୍କୁ ପଚାରିବାରୁ କାମରେ କିଛିଟା ପରିବର୍ତନ ହେବାର ଅଛି ଯେହେତୁ ନିର୍ବାଚନ ଆଚରଣବିଧି ଲାଗୁ ହୋଇଗଲା ସେଥିପାଇଁ କାର୍ଯ୍ୟ ଆଗେଇ ପାରିନଥିବା ପ୍ରକାଶ କରିଛନ୍ତି ।

ମାଲକାନଗିରି ସଂସ୍କୃତ ଶିକ୍ଷକ ମହାସଂଘର ଆଭାସି ବୈଠକ

ମାଲକାନଗିରି,୦୫/୦୪ (ନି.ପ୍ର): ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ, ଓଡ଼ିଶାର ମାଲକାନଗିରି ସଂସ୍କୃତ ଶିକ୍ଷକ ସଂଘର ଏକ ଆଭାସି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାର ବରିଷ୍ଠ ସଂସ୍କୃତ ଶିକ୍ଷକ ପଣ୍ଡିତ ଗୋଦାବରୀଶ ଦାସ ଅଧକ୍ଷତା କରିଥିବାବେଳେ ସଭାକାର୍ଯ୍ୟ ପ୍ରାରମ୍ଭରେ ପଣ୍ଡିତ ଚତୁର୍ଭୁଜ ଦାଶ ବେଦଗାନ କରିଥିଲେ । ଜିଲ୍ଲାର ସଭାପତି ପଣ୍ଡିତ ମହେଶ୍ୱର ମିଶ୍ରଙ୍କ ଅକାଳ ବିୟୋଗ ଫଳରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଡଃ. କୁମାର ଚନ୍ଦ୍ର ମିଶ୍ର ଯୋଗ ଦେଇଥିବା ବେଳେ ରାଜ୍ୟ ସଂଘର ଉପସଭାପତି ପଣ୍ଡିତ ଲମ୍ବୋଦର ଶତପଥୀ, କୋଷାଧକ୍ଷ ଡଃ. ବିଷ୍ଣୁ ପ୍ରସାଦ ରାଉତ, ସଂଗଠନ ସମ୍ପାଦକ ସୁକାନ୍ତ କୁମାର କର ଯୋଗଦେଇ ସଂସ୍କୃତ ଭାଷାର ସୁରକ୍ଷା ଓ ସଂସ୍କୃତ ଶିକ୍ଷକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ସହ ସକାରାତ୍ମକ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକ୍ରମ ଚାଲୁରହିଛି ବୋଲି ସୂଚନା ପ୍ରଦାନ କରିଥିଲେ । ବ୍ଲକ ସ୍ତରରୁ ସଂଗଠନକୁ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ । ରାଜ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଜିଲ୍ଲା କର୍ମକର୍ତ୍ତାଙ୍କ ନାମ ବରିଷ୍ଠ ଶିକ୍ଷକ ତଥା ପୂର୍ବତନ ସମ୍ପାଦକ କରୁଣାକର ମଲିକ ଘୋଷଣା କରିଥିଲେ । ଉପଦେଷ୍ଟା ଭାବେ ନିତ୍ୟାନନ୍ଦ ପଣ୍ଡା, କରୁଣାକର ମଲିକ, ପୂର୍ଣ୍ଣଚନ୍ଦ୍ର ସାହୁ, ସଭାପତି ରଶ୍ମିତା ମହାରଣା, ଉପସଭାପତି ସୁକୁମାର ଦେ,ପ୍ରଭାତ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ଚତୁର୍ଭୁଜ ଦାଶ, ସମ୍ପାଦକ କମଳସାଇ ମାଝି,ସହସମ୍ପାଦକ ସୁପ୍ରୀତି କର, ସୋନାଲି ଦାଶ, ସଙ୍ଗଠନ ସମ୍ପାଦକ ଶରତ କୁମାର ଦାଶ, କୋଷାଧକ୍ଷ ସୁକୁମାର ପଣ୍ଡା ଓ ସହ କୋଷାଧକ୍ଷ ବାସୁଦେବ ପଣ୍ଡାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା ।

ଜିଲ୍ଲା ଚିକିତ୍ସାଳୟକୁ ସିଟି ବସ ବ୍ୟବସ୍ଥା ନିମନ୍ତେ ଦାବି

ଜୟପୁର,୦୫/୦୪ (ନି.ପ୍ର): ଜିଲା ଚିକିତ୍ସାଳୟକୁ ସିଟି ବସ ବ୍ୟବସ୍ଥା ନିମନ୍ତେ ଜୟପୁର ଉପ ଜିଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ସମାଜସେବି ବି. ହରି ରାଓଙ୍କ ନେତୃତ୍ୱରେ ଜୟପୁର ବାସୀ ଏହି ଦାବୀ ପତ୍ର ପ୍ରଦାନ କରିଛନ୍ତି । ସହର ଠାରୁ ଜିଲା ଚିକିତ୍ସାଳୟ ପ୍ରାୟ ୩ କି.ମି. ଦୂରରେ ଅଛି । ସହର ବାସୀ ଙ୍କୁ ଏହି ଚିକିତ୍ସାଳୟକୁ ବାଇକ ଓ ଅଟୋରେ ଆସିବାକୁ ହୁଏ । ଅଟୋ ଚାଳକ ମାନେ ରୋଗି ଓ ରୋଗି ସମ୍ପର୍କିୟଙ୍କୁ ମନ ଇଚ୍ଛା ଦର ମାଗୁଛନ୍ତି । ସହର ବାସୀ ଚିକିତ୍ସାଳୟକୁ ଆସିବା ପାଇଁ ସରକାରଙ୍କ ତରଫରୁ କିଛି ସହାୟତା କରାଯାଇ ନାହିଁ । ତେଣୁ ଏଠାରେ ଗରୀବ ରୋଗି ମାନେ ଚିକିତ୍ସାଳୟ ଯିବା ପାଇଁ ସିଟି ବସର ଆବଶ୍ୟକତା ରହିଛି ।

ଜର୍ଜ୍ ଲିଟରେରି ଆଣ୍ଡ ସୋସିଏଲ କ୍ଲବ ପୁନଃ ଉଦ୍ଧାର ଓ ଅଭ୍ୟନ୍ତରିଣ ଉନ୍ନୟନ ପାଇଁ ଦ୍ୱିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ

ବଲାଙ୍ଗୀର ,୦୫/୦୪ (ନି.ପ୍ର): ବଲାଙ୍ଗୀର ସହର୍ ସ୍ଥିତ ଜଜ ଲିଟିରାରି ଆଣ୍ଡ ସୋସିଏଲ୍ କ୍ଲବ ର ପୁନଃ ଉଦ୍ଧାର ଓ ଉନ୍ନତି କରଣ କାର୍ଯ୍ୟ ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇ ଯାଇଛି । ବଲାଙ୍ଗୀର ଜିଲ୍ଲାପାଳ ଚଂଚଳ ରାଣା ଏବଂ ଇନଟେକ୍ କନଭେନସନ୍ ସେଂଟର ଓଡିଶା ଭୁବନେଶ୍ୱର ର ନିର୍ଦ୍ଦେଶିକା ମଲ୍ଲିକା ମିତ୍ର ଙ୍କ ମଧ୍ୟରେ ଏହି ଦ୍ୱିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଚି । ଇନଟେକ୍ କନଭେନସନ୍ ଦ୍ୱାରା ଜଜ ଲିଟିରାରି ଆଣ୍ଡ ସୋସିଏଲ୍ କ୍ଲବ ବଲାଙ୍ଗିର ର ମୁଖ୍ୟ କୋଠା ର ପୁନଃଉଦ୍ଧାର ସହିତ ଫରନିଚର୍ ଓ ପୁସ୍ତକ ଗୁଡ଼ିକର ସଂରକ୍ଷଣ ଏବଂ ଆଭ୍ୟନ୍ତରୀଣ ଉନ୍ନତି କରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଥିବା ବେଳେ ଏକବର୍ଷ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲାପରେ ଏହାର୍ ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବ୍ୟବସ୍ଥା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହେବ । ଆଜିର ଏହି ଦ୍ୱିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ରେ ଅବସର ପ୍ରାପ୍ତ ପୋଲିସ ନିର୍ଦ୍ଦେଶକ ତଥା ଇନଟେକ୍ ର ରାଜ୍ୟ ଆବାହକ ଅମିୟ ଭୂଷଣ ତ୍ରିପାଠୀ ଇନଟେକ୍ ବଲାଙ୍ଗିର ଚାପୂର ର ଆବାହକ ଡ. ଶିବପ୍ରସାଦ ନନ୍ଦ ପୂର୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଜୟନ୍ତ କୁମାର ନାୟକ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରବିନ୍ଦ୍ର କୁମାର ଦଳାଇ, ଲିଟିରାରି ଆଣ୍ଡ ସୋସିଏଲ୍ କ୍ଲବ ବଲାଙ୍ଗିର ର ସମ୍ପାଦକ ଅସିତ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭଗ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଇନଟେକ୍ ବଲାଙ୍ଗିର ଚାପୂର ର ସଦସ୍ୟ ଧର୍ମେନ୍ଦ୍ର ନନ୍ଦ, ସଂଜୀବ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଦ୍ୱିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ କାର୍ଯ୍ୟକ୍ରମ ରେ ବଲାଙ୍ଗିର ଜିଲ୍ଲା ର ଐତିହ୍ୟର ସୁରକ୍ଷା ପ୍ରଚାର ପ୍ରସାର ଏବଂ ଜର୍ଜ୍ ଲିଟିରାରି ଆଣ୍ଡ ସୋସିଏଲ୍ କ୍ଲବ ବଲାଙ୍ଗିର ର ପୁନରୁଦ୍ଧାର ଆଭ୍ୟନ୍ତରୀଣ ଉନ୍ନତି କରଣ କାର୍ଯ୍ୟ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ପରେ ଇନଟେକ୍ ର ରାଜ୍ୟ ଆବାହକ ଶ୍ରୀ ତ୍ରିପାଠୀ କନଭେନସନ ସେଣ୍ଟର ଓଡିଶା ଭୁବନେଶ୍ୱର ର ନିର୍ଦ୍ଦେଶିକା ଶ୍ରୀମତୀ ମିତ୍ର ପ୍ରମୁଖ ଲିଟିରାରି କ୍ଲବ ପରିଦର୍ଶନ କରି ଥିଲେ ।

ସ୍ୱପ୍ନାଦେଶ ପରେ ଗାଁ ଲୋକେ ଖୋଜି ପାଇଲେ ଶିବଲିଙ୍ଗ

ଜୟପୁର,୦୫/୦୪ (ନି.ପ୍ର): ଯେବେ ଯେବେ କୌଣସି ଅଲୌକିକ ଘଟଣାକୁ ନେଇ କୌଣସି ସ୍ୱପ୍ନାଦେଶ ଆସେ ସେଥିରେ ବାସ୍ତବତାର ସମ୍ଭାବନା କମ ଥାଏ । ଏଭଳି ସମୟରେ ଏମିତି ଏକ ଖବର ସାମ୍ନାକୁ ଆସିଛି ଯାହା ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ । ଦୁଇ ଜଣଙ୍କୁ ସ୍ୱପ୍ନା ଦେଶ ହେଲା ଆଉ ସ୍ୱପ୍ନାଦେଶ ହେବା ସ୍ଥାନରେ ବାହାରିଲେ ଶିବଲିଙ୍ଗ । ଏଭଳି ଏକ ବିସ୍ମୟ ଖବର ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଖୁଣ୍ଟିଆପାଲା ଗ୍ରାମରେ । ବୋରିଗୁମ୍ମା ବ୍ଲକ ଖୁଂଟିଆ ପାଲା ଗ୍ରାମରୁ ଆସିଛି ଚକିତ ଖବର । ପ୍ରଥମେ ଦୁଇ ଜଣ ବ୍ୟକ୍ତିଙ୍କୁ ପୃଥକ ପୃଥକ ଭାବେ ସ୍ୱପ୍ନାଦେଶ ଆସୁଛି । ସ୍ୱପ୍ନାଦେଶ ମୁତାବକ, ଗାଁ ମୁଣ୍ଡରେ ଥିବା ପାହାଡ଼ରେ ଶିବଲିଙ୍ଗ ବାହାରିଥିବା ସୂଚନା ମିଳୁଛି ।ସ୍ୱପ୍ନାଦେଶ ପାଇଥିବା ଦୁଇ ଜଣ ବ୍ୟକ୍ତି ଗ୍ରାମବାସୀଙ୍କୁ ଜ

ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ପଣସ

ଖାଦ୍ୟ ଆମ ଜୀବନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ଉତ୍ତମ ଖାଦ୍ୟ ଖାଇଲେ ବ୍ୟକ୍ତି ସୁସ୍ଥ ରହିଥାଏ ଓ ଖାଦ୍ୟ ଖରାପ ହେଲେ ତାହାର କୁପ୍ରଭାବ ସିଧା ଶରୀର ଉପରେ ପଡ଼େ । ତେବେ, ଯେତେ ପ୍ରକାରର ଖାଦ୍ୟ ରହିଛି ସବୁଠାରୁ ଭଲ ଖାଦ୍ୟ ଭାବେ ଆମେ ସବୁଜ ପନିପରିବା ଓ ଫଳମୂଳକୁ ନେଇଥାଉ । ସବୁ ଫଳର ଭିନ୍ନ ଭିନ୍ନ ସୁଗୁଣ ରହିଛି । ପଣସ ଏକ ଏପରି ଫଳ ଯାହାକୁ କଞ୍ଚା ଅବସ୍ଥାରେ ଆମେ ପରିବା ଭାବେ ବି ବ୍ୟବହାର କରିଥାନ୍ତି । ପଣସର କଞ୍ଚା ସମୟକୁ ଆମେ ପଣସକଠା ଭାବେ ଜାଣନ୍ତି । ଏହି ପଣସକଠା ମଧୁମେହ ରୋଗୀଙ୍କ ପାଇଁ ଖୁବ୍ ଉପକାରୀ । ଏଥିରେ ଥିବା ଫାଇବର ଶରୀରରେ ଗ୍ଲୁକୋଜ୍ ଓ ଇନ୍‌ସୁଲିନ୍ କ୍ଷରିତ ହେବାକୁ ରୋକିଥାଏ । ଏହାବ୍ୟତୀତ ଭୋକକୁ ମଧ୍ୟ ନିୟନ୍ତ୍ରଣରେ ରଖେ ।

ପଣସ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଋତୁକାଳୀନ ସଂକ୍ରମଣକୁ ବି ପଣସ ଖାଇବା ଦ୍ୱାରା ରୋକାଯାଇପାରେ । ଏଥିରେ ଥିବା ଭିଟାମିନ୍ ଏ, ଭିଟାମିନ୍ ବି, ଭିଟାମିନ୍, ଭିଟାମିନ୍ ସି ସମେତ ଫାଇବର, ପଟାସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ଜିଙ୍କ୍ ଓ ଫସ୍‌ଫରସ ପରି ନ୍ୟୁଟ୍ରିଏଣ୍ଟ୍‌ସ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ ।

ଓଜନ ହ୍ରାସ ପାଇଁ ମଧ୍ୟ ପଣସକୁ ଗ୍ରହଣ କରାଯାଇପାରେ । ଏଥିରେ ଖୁବ୍ କମ୍ କ୍ୟାଲୋରି ଥିବା ହେତୁ ଆପଣ ଯଦି ନିଜର ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି ତେବେ ଦୈନନ୍ଦିନ ଡଏଟ୍ ଚାର୍ଟରେ ପଣସକୁ ସାମିଲ୍ କରିପାରିବେ ।

ଡାଳିମ୍ବରେ ରହିଛି ଏହି ସବୁ ସୁଗୁଣ : ଅତ୍ୟଧିକ ଖାଇଲେ ହୋଇଥାଏ କୋଷ୍ଠକାଠିନ୍ୟ

ନିଜ ଶରୀରକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ଆପଣଙ୍କୁ ପ୍ରଚୁର ପରିମାଣର ପନିପରିବା ଓ ଫଳମୂଳ ଖାଇବାକୁ ପଡ଼ିବ । ଏସବୁ ନଖାଇଲେ ଆପଣ ଦୁର୍ବଳ ହୋଇପଡ଼ିବେ । ସବୁ ଫଳର ଭିନ୍ନ ଭିନ୍ନ ଗୁଣ ରହିଛି । ତେବେ, ଚାଲନ୍ତୁ ଜାଣିବା ଡାଳିମ୍ବ ଖାଇବା ଦ୍ୱାରା ଆମ ଶରୀରକୁ କେଉଁ ପ୍ରକାରର ଲାଭ ମିଳିଥାଏ ।

♦ ଡାଳିମ୍ବରେ ନ୍ୟୁଟ୍ରିଏଣ୍ଟ୍‌ସ ଭରି ହୋଇ ଅଛି । ଏଥିରେ କ୍ୟାଲୋରି ଓ ଫ୍ୟାଟ୍ ପରିମାଣ କମ୍ ଥିବା ବେଳେ ଫାଇବର ଭରି କରି ରହିଛି । ଭିଟାମିନ୍ ଓ ମିନେରାଲ୍ସ ବି ରହିଛି ଡାଳିମ୍ବରେ । ତେବେ, ଏକ ଗୁରତ୍ୱପୂର୍ଣ୍ଣ କଥା ହେଉଛି ଡାଳିମ୍ବକୁ ସିଧା ଖାଇଲେ ସେଥିରେ ଯେତିକି ଫାଇବର ଥାଏ ତାହାକୁ ଜୁସ୍ କରି ପିଇଲେ ସେହି ପରିମାଣର ନ୍ୟୁଟ୍ରିଏଣ୍ଟ୍‌ସ ନଥାଏ ।

♦ ଡାଳିମ୍ବରେ ଥିବା ଆଣ୍ଟି ଅକ୍ସିଡାଣ୍ଟ୍ କୋଷକୁ ସୁରକ୍ଷିତ ରଖେ । ତେବେ ଅତ୍ୟଧିକ ପରିମାଣର ଡାଳିମ୍ବ ଖାଇବା ବି ଭଲ ନୁହେଁ । ଏହାର କୁପ୍ରଭାବ ରହିଛି ।

♦ ଡାଳିମ୍ବରେ ଥିବା ପୋଷଣ ହୃଦ୍‌ରୋଗ, କର୍କଟ ଓ ମଧୁମେହ ଆଦି ରୋଗ ସହ ଲଢ଼ିବାରେ ସାମର୍ଥ୍ୟ ରଖେ । ଡାଳିମ୍ବ ଖାଇଲେ ଏହି ସବୁ ରୋଗ ହେବାର ସମ୍ଭାବନା କମ୍ ହୋଇଥାଏ ।

♦ ଅତ୍ୟଧିକ ପରିମାଣର ଡାଳିମ୍ବ ଖାଇଲେ କୋଷ୍ଠକାଠିନ୍ୟ ହେବାର ସମ୍ଭାବନା ରହିଛି । ଏହାକୁ ଆପଣ ଏକ ସୀମା ମଧ୍ୟରେ ଖାଇବା ଉଚିତ ।

♦ ଦିନକୁ ୧ରୁ ୨ କପ୍ ଡାଳିମ୍ବ ଖାଇଲେ ବିଶେଷ କୌଣସି ଅସୁବିଧା ହୁଏ ନାହିଁ । ତା'ଠାରୁ ଅଧିକ ଡାଳିମ୍ବ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇଥାଏ ।

କେଶକୁ ମଜଭୂତ କରିବାର ତତ୍ତ୍ୱ



କଦଳୀ ପରି ଫଳକୁ ଉତ୍ତମ ପୋଷକତତ୍ତ୍ୱର ଗନ୍ତାଘର ଭାବେ ଜଣାଯାଏ । ନିୟମିତ ଭାବେ ଜଳଖିଆରେ କଦଳୀ ଖାଇବା ସ୍ୱାସ୍ଥ୍ୟ ପାଇଁ ଉତ୍ତତମ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଏଇ ଫଳକୁ ସୌନ୍ଦର୍ଯ୍ୟ ଓ କେଶ ଚର୍ଚ୍ଚାରେ ମଧ୍ୟ ଉପଯୋଗ କରିହେବ । ପୋଟାସିୟମ ମ୍ୟାଗ୍ନେସିୟମ ଆମିନୋ ଏସିହ୍ ଏ, ବି, ଇ ଭରପୂର କଦଳୀ କେଶର ଘନତ୍ୱ ବଢ଼ାଇବା ସହ ରୂପିରୁ ମଧ୍ୟ ରକ୍ଷା କରେ । କେଶ ପାଇଁ କଦଳୀ ପ୍ୟାକ ସବୁଠୁ ଉତ୍ତମ କଣ୍ଡିସନର ଭାବେ ଜଣାଯାଇଥାଏ । ସପ୍ତାହକୁ ୨-୩ ଥର ଏଇ ପ୍ୟାକ ଲଗାଇଲେ କେଶ ଝଡ଼ା କମିବା ସହ ଘନତ୍ୱ ବଢ଼ିଥାଏ । ୨ବଡ଼ ଚାମଚ ନଡ଼ିଆ ପାଣିରେ ଗୋଟିଏ କଦଳୀକୁ ଭଲଭାବେ ଚକଟିନେବେ । ସେଥିରେ ଅଳ୍ପ ମହୁ ଓ ଗୋଲାପ ଜଳ ମିଶାଇ କେଶମୂଳରେ ଲଗାନ୍ତୁ । ପ୍ୟାକ୍ ଲଗାଇବା ପରେ କେଶକୁ ଭଲଭାବେ ମାଲିସ କରିବେ । ୧୫ ମିନିଟ୍ ପରେ କେଶକୁ ଭଲଭାବେ ଧୋଇ ଶ୍ୟାମ୍ପୁ କରିନିଅନ୍ତୁ । କଦଳୀ ପ୍ୟାକ ଲଗାଇଲେ ଅନ୍ୟ କୌଣସି ସେରମ ବା ପ୍ୟାକ କେଶରେ ନ ଲଗାଇବା ଉଚିତ । ନଚେତ କେଶ ଅଧିକ ଝଡ଼ିବାର ଭୟ ରହିଛି ।

ଆପଣ ଶାକାହାରୀ କି ? ଏହି ସବୁ ଜିନିଷ ଖାଇ ଠିକ ରଖନ୍ତୁ ଆଇରନର ମାତ୍ରା

ସୁସ୍ଥ ରହିବା ପାଇଁ ଯେତିକି ଆବଶ୍ୟକତା ଭିଟାମିନ ଏବଂ କ୍ୟାଲ୍‌ସିୟମର ହୋଇଥାଏ ସେତିକି ଆବଶ୍ୟକତା ଆଇରନର ମଧ୍ୟ ରହିଥାଏ । ଶରୀରରେ ଆଇରନର ଅଭାବ ଦେଖାଗଲେ ଆନେମିଆ ଭଳି ରୋଗ ଦେଖା ଦେଇଥାଏ । ଶରୀରକୁ ଠିକ୍ ଭାବରେ ଚଳାଇବା ପାଇଁ ରକ୍ତର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶରୀରରେ ରକ୍ତର ଅଭାବ ଦେଖାଗଲେ ଥକାପଣ, ନିଶ୍ୱାସ ନେବାରେ ଅସୁବିଧା, ମାଂସପେଶୀରେ କଷ୍ଟ ଅନୁଭବ ହେବା, ଚେହେରାର ରଙ୍ଗ ଫିକା ପଡ଼ିବା, ନଖ ଭାଙ୍ଗିବା, କେଶ ଝଡ଼ିବା ଭଳି ଲକ୍ଷଣ ଦେଖା ଦେଇଥାଏ । ଶରୀରରେ ଆଇରନର ଅଭାବକୁ ଦୂର କରିବା ପାଇଁ ମାଂସାହାରୀ ଲୋକ ମାଛ ମାଂସ ଖାଇ ଆଇରନର ଅଭାବ ଦୂର କରିବାକୁ ଚେଷ୍ଟା କରିଥାନ୍ତି । କିନ୍ତୁ ଶାକାହାରୀ ଲୋକ କ'ଣ ଖାଇଲେ ଆଇରନର ଅଭାବ ଦୂର କରି ପାରିବେ ସେ ନେଇ ଚିନ୍ତାରେ ପଡ଼ିଥାନ୍ତି । ତେବେ ଆଜି ଆମେ ଆପଣଙ୍କ ସେହି ଚିନ୍ତାକୁ ଦୂର କରିବୁ । ଶାକାହାରୀ ଲୋକ କ'ଣ ଖାଇ ନିଜ ଶରୀରରେ ଆଇରନର ପରିମାଣକୁ ଠିକ୍ ରଖି ପାରିବେ ଆସନ୍ତୁ ଜାଣିବା ।

୧. ଶାକାହାରୀ ଲୋକମାନଙ୍କ ପାଇଁ କିସ୍‌ମିସ୍ ହେଉଛି ଅତ୍ୟନ୍ତ ଲାଭଦାୟକ । ଯେଉଁ ଲୋକମାନେ ମାଛ-ମାଂସ ଖାଇବାରେ ରୁଚି ରଖନ୍ତି ନାହିଁ ସେମାନେ ଏହାକୁ ଖାଇ ପାରିବେ । କିସ୍‌ମିସ୍‌ରେ ଆଇରନ ଏବଂ ଭିଟାମିନର ପରିମାଣ ଅଧିକ ମାତ୍ରାରେ ରହିଥାଏ । ଏହାକୁ ଖାଇ ଶାକାହାରୀ ଲୋକମାନେ ଶରୀରରେ ଆଇରନର ଅଭାବକୁ ଦୂର କରି ପାରିବେ ।

୨. କାଜୁ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ମଧ୍ୟ । ଏଥିରେ ପୋଟାସିୟମ,ମ୍ୟାଗ୍ନେସିୟମ,ଫସ୍‌ଫରସ୍, ପ୍ରୋଟିନ,ଫାଇବର,ଭିଟାମିନ୍ ଇ ସହ ଆଇରନର ପରିମାଣ ମଧ୍ୟ ଅଧିକ ପରିମାଣରେ ଥାଏ । ୧୦ଗ୍ରାମ କାଜୁରେ ୦.୩ମିଲିଗ୍ରାମ ଆଇରନ ରହିଥାଏ । ଯାହା ଶରୀରରେ ଆଇରନର ଅଭାବକୁ ଦୂର କରିଥାଏ ।

୩. ପୋଇରେ କ୍ୟାଲ୍‌ସିୟମ, ଫାଇବର ଏବଂ ଆଇରନର ପରିମାଣ ଅଧିକ ପରିମାଣରେ ଥାଏ । ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଶରୀରରୁ ଅନେକ ସମସ୍ୟା ଦୂର ହୋଇଥାଏ ।

୪.ଶାକାହାରୀ ଲୋକମାନେ ଶରୀରରୁ ଆଇରନ ଅଭାବ ଦୂର କରିବା ପାଇଁ ଆପଣ ବ୍ରୋକଲୀର ସେବନ ମଧ୍ୟ କରି ପାରିବେ । ଏହା ଶରୀରରେ ଆଇରନର ପରିମାଣ ଠିକ୍ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇଥାଏ ।

ସ୍ମରଣଶକ୍ତି ବୃଦ୍ଧିରେ ସହାୟକ : କ୍ରିଷ୍ଟାଲ ଗ୍ଲୋବ

ପାରିବାରିକ ସମସ୍ୟାର ସମାଧାନ ପାଇଁ ଫେଙ୍ଗୁସୁଇରେ ଏକାଧିକ ଉପାୟ ରହିଛି । କ୍ରିଷ୍ଟାଲ ଗ୍ଲୋବ ତନ୍ମଧ୍ୟରୁ ଗୋଟିଏ ଯେଉଁମାନଙ୍କ ଜୀବନରେ ବ୍ୟବସାୟ ଓ ଶିକ୍ଷାକୁ ନେଇ ସମସ୍ୟା ରହିଛି, ସେମାନଙ୍କ ପାଁ ଏହା ଅତ୍ୟନ୍ତ ଉପଯୋଗୀ ହୋଇପାରେ । ଏହାକୁ ଉଦ୍ଦିଷ୍ଟ କୋଡରିର ଯେ କୌଣସି ଦିଗରେ ରଖାଯାଇପାରେ, ତେବେ ଏହା ପାଇଁ ଦକ୍ଷିଣ-ପୂର୍ବ ସର୍ବୋତ୍ତମ ସ୍ଥାନ କ୍ରିଷ୍ଟାଲ ଗ୍ଲୋବ କିଣିବା ବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଉଚିତ୍ । ବିଶେଷ କରି ଗ୍ଲୋବ ସହିତ ସଂଯୁକ୍ତ ରିଙ୍ଗର ବର୍ଣ୍ଣ ସୁନେଲି ହେବା ଉଚିତ ଏବଂ ଗ୍ଲୋବରେ କୌଣସି ଦାଗ, ଅତିରିକ୍ତ ଚିହ୍ନ ବା ଫାଟ ନଥିବ । ଯଦି ବ୍ୟବସାୟ ଭଲ ଚାଲୁ ନାହିଁ ବା ଆଗକୁ ବଢୁନାହିଁ, ତା ହେଲେ ଅଫିସରେ ବା ଦୋକାନରେ କ୍ରିଟୋଲ ଗ୍ଲୋବ ରଖନ୍ତୁ । ଏହାର ସକାରାତ୍ମକ ଶକ୍ତି ଆପଣଙ୍କ ସମସ୍ୟାର ସମାଧାନରେ ସହାୟକ ହେବ । ଫେଙ୍ଗସୁଇ ଅନୁସାରେ ସ୍ମୃତିଶକ୍ତି ବୃଦ୍ଧି କରିବାର ଶକ୍ତି କ୍ରିଷ୍ଟାଲ ଗ୍ଲୋବର ରହିଛି । ତେଣୁ ଛାତ୍ରଛାତ୍ରୀମାନେ ତାଙ୍କ ଷ୍ଟଡିରୁମରେ ଏହାକୁ ରଖିପାରନ୍ତି । କୋଠରିର ଦକ୍ଷିଣ-ପୂର୍ବ ସ୍ଥାନରେ ତାକୁ ରଖନ୍ତୁ । ଏହାଦ୍ୱାରା ଗ୍ଲୋବ ପୂର୍ଣ୍ଣ କ୍ଷମତାରେ କାମରି ପାରିବ ।

ବିଧି: ଉପଯୋଗ କରିବାର ୨୪ଘଣ୍ଟା ପୂର୍ବରୁ କ୍ରିଷ୍ଟାଏ ଗ୍ଲୋବକୁ ଲୁଣମିଶା ପାଣିରେ ବୁଡ଼ାଇ ରଖନ୍ତୁ । ଏହାପରେ ସାଦାପାଣିରେ ଭଲକରି ଧୋଇ ଏକ କାଚ ପାତ୍ରରେ ରଖି ଖରାରେ ରଖି ଦିଅନ୍ତୁ । ଦୁଇ/ତିନି ଘଣ୍ଟା ପରେ ଚାହୁଁଥିବା ସ୍ଥାନରେ ତାକୁ ରଖି ଦିଅନ୍ତୁ । ଗ୍ଲୋବଟି ଦିନକୁ ୩ଥର ବୁଲିବା ଉଚିତ୍ । ତେଣୁ ଗ୍ଲୋବ ଷ୍ଟାଣ୍ଡକୁ ଧରି ତାକୁ ଆଙ୍ଗୁଠିରେ ବୁଲାଇ ଦିଅନ୍ତୁ । ଏହିପରି ଦିନକୁ ତିନିଥର କରନ୍ତୁ ।

ଅଙ୍ଗୁରୁ ଖାଇବାକୁ ଭଲ ଲାଗେନି ? ଏହି ସବୁ ଉପାୟରେ ଅଙ୍ଗୁରୁରେ କରି ହେବ ସ୍ୱାଦିଷ୍ଟ ଖାଦ୍ୟ

ଆପଣଙ୍କୁ ଖଟା ଓ ମିଠା ମିଶା କିଛି ଫଳ ଯଦି ଖାଇବାକୁ ଭଲ ଲାଗେ ତେବେ ଅଙ୍ଗୁରୁ ଖାଆନ୍ତୁ । ଟିକେ ଖଟା ଓ ଟିକେ ମିଠା ଲାଗୁଥିବା ଏହି ଫଳଟି ପ୍ରାୟ ଅଧିକାଂଶ ଲୋକଙ୍କ ପ୍ରିୟ । ଏଥିରେ ଅନେକ ଭଲ ଗୁଣ ରହିଛି । ଏଥିରେ ଥିବା ପଟାସିୟମ୍, ମିନେରାଲ୍ ରକ୍ତରେ ଜଳୀୟ ଅଂଶକୁ ନିୟନ୍ତ୍ରଣରେ ରଖେ । ପଟାସିୟମ ଉଚ୍ଚ ରକ୍ତଚାପକୁ ହ୍ରାସ କରିବା ସହ ହୃଦ୍ ରୋଗୀଙ୍କ ପାଇଁ ମଧ୍ୟ ଖୁବ୍ ସୁଫଳ ପ୍ରଦାନ କରିଥାଏ । କିଛି ଲୋକଙ୍କ ଶରୀରକୁ ଆବଶ୍ୟକୀୟ ପରିମାଣର ନ୍ୟୁଟ୍ରିଏଣ୍ଟସ୍ ମିଳିନଥାଏ, ଅଙ୍ଗୁରୁ ଖାଇବା ଦ୍ୱାରା ସେ ସମସ୍ୟା ବି ସମାଧାନ ହୋଇଯାଏ ।

ଅଙ୍ଗୁରୁ ଯେ କେବଳ ଆପଣଙ୍କୁ ସୁସ୍ଥ ରଖେ ତା ନୁହେଁ, ଏହାକୁ ଖାଇବା ଦ୍ୱାରା ସ୍ମରଣ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କର୍କଟ ସହ ଲଢ଼ିବାର ସାମର୍ଥ୍ୟ ରଖେ । ଶରୀରରୁ କୋଲେଷ୍ଟ୍ରଲ୍ ସ୍ତର କମ୍ କରିବା ସହ ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ଏହା ଏକ ଉପକାରୀ ଫଳ । ହାଡ଼କୁ ମଧ୍ୟ ମଜବୁତ୍ କରିଥାଏ । ତେବେ, ଅଙ୍ଗୁରୁକୁ ଆପଣ ବିଭିନ୍ନ ଉପାୟରେ ଖାଇପାରିବେ । ଅଙ୍ଗୁରୁକୁ ଖାଲି

ଖାଇପାରିବେ । ଜୁସ୍ କରି ମଧ୍ୟ ପିଇପାରିବେ । ଏହାକୁ ଶୁଖାଇ କିସ୍‌ମିସ୍ ବନାଇବା ମଧ୍ୟ ଖୁବ୍ ସହଜ । ଯଦି ଆପଣ ରାନ୍ଧି କରି ଖାଇବାକୁ ଚାହାନ୍ତି ତ ଅଙ୍ଗୁ ଖଟା ବି କରିପାରିବେ । ଫଳ ସାଲାଡ୍‌ରେ ଅଙ୍ଗୁରୁ ମିଶାଇଲେ ଏହାର ସ୍ୱାଦ ଖୁବ୍ ବଢ଼ିଯାଏ ।

ସକାଳ ଜଳଖିଆରେ ସାମିଲ୍ କରନ୍ତୁ ଏହି ସବୁ ଖାଦ୍ୟ: ସୁସ୍ଥ ରହିବ ଓଜନ ପ୍ରକ୍ରିୟା

ଆମେ ଅଧିକାଂଶ ସମୟରେ ବ୍ୟସ୍ତତା ହେତୁ ସକାଳ ଜଳଖିଆ ପ୍ରତି ଟିକେ ଯତ୍ନଶୂନ୍ୟ ହୋଇପଡୁ । ମାତ୍ର ମନେରଖନ୍ତୁ ଦିନ ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସକାଳ ଖାଦ୍ୟ । ସକାଳୁ ପେଟ ପୂରା ଖାଇଲେ ହିଁ ଆପଣଙ୍କ ଶରୀର ସୁସ୍ଥ ରହିବ । ସକାଳୁ ଯଦି ଆପଣ କିଛି ଆଡୁସାଡୁ ଖାଦ୍ୟ ଖାଇଦଉଛନ୍ତି ତେବେ ଏହା ଆପଣଙ୍କ ହଜମ ପ୍ରକ୍ରିୟାକୁ ପ୍ରଭାବ ପକାଇବ ଓ ଯେଉଁ କାରଣରୁ ଆପଣଙ୍କୁ ନାନା ସମସ୍ୟାର ସାମ୍ନା କରିବାକୁ ହେବ । ସକାଳ ଖାଇବାକୁ ନେଇ ଯତ୍ନବାନ ରହିଲେ ହଜମ ପ୍ରକ୍ରିୟା ଠିକ୍ ରହିଥାଏ, ଯାହାକି ବ୍ୟକ୍ତିକୁ ନିରୋଗୀ ରଖେ । ସକାଳୁ ଉଚିତ ଖାଦ୍ୟ ଖାଇଲେ ଶରୀରରେ ପିଏଚ୍ ସ୍ତର ନିୟନ୍ତ୍ରଣରେ ରହେ । ତେବେ ଚାଲନ୍ତୁ ଜାଣିବା ସକାଳୁ ସକାଳୁ କ'ଣ ସବୁ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ସୁସ୍ଥକର ହୋଇଥାଏ । ସକାଳୁ ଖାଲି ପେଟରେ ତରଭୁଜ ଖାଇବା ଖୁବ୍ ଭଲ । ଖାଲି ପେଟରେ ତରଭୁଜ ଖାଇଲେ ଶରୀରରେ ଇଲୋକ୍ଟ୍ରୋଲାଇଟ୍ ବାଲାନ୍ସ ବୃଦ୍ଧି ପାଇଥାଏ ଓ ଶରୀରରେ ଜଳୀୟ ଅଂଶ ମଧ୍ୟ ବୃଦ୍ଧିପାଏ । ତରଭୁଜର ୯୦ ପ୍ରତିଶତ ଭାଗ ପ୍ରାୟ ପାଣି । ଏହିକାରଣରୁ ସକାଳୁ ତରଭୁଜ ଖାଇବା ଖୁବ୍ ଭଲ । ସକାଳ ପାନୀୟ ଭାବରେ କେହି କେହି ଜିରା ପାଣି, ପଇଡ଼ ପାଣି, ଚା ଆଦି ଗ୍ରହଣ କରିଥାନ୍ତି । ଆପଣ ସକାଳୁ ଅଳ୍ପ ଉଷୁମ ପାଣିରେ

ମହୁ ମିଶାଇ ପିଅନ୍ତୁ । କେହି କେହି ଓଜନ ହ୍ରାସ ପାଇଁ ମଧ୍ୟ ମହୁ ଓ ଗରମ ପାଣି ପିଇଥାନ୍ତି । ଅମୃତଭଣ୍ଡା ସହ ଯଦି ଆପଣ ନିଜର ଦିନ ଆରମ୍ଭ କରୁଛନ୍ତି ତାହାଲେ ଖୁବ୍ ଭଲ କଥା । ଶରୀରକୁ ଶକ୍ତି ଯୋଗାଇଥାଏ ଏହି ଫଳ । ଏଥିରେ ଥିବା ଫାଇବର ଶରୀର ପାଇଁ ଖୁବ୍ ଉପକାରୀ । ସକାଳୁ ଖାଲି ପେଟରେ ଭିଜା ଯାଇଥିବା ଆଲମଣ୍ଡ୍ ଖାଇବା ବି ଖୁବ୍ ଭଲ ହୋଇଥାଏ ଶରୀର ପାଇଁ ।

ଗାଜର, କଲରା, ଲାଉ ଆଦି ପରିବା ରସ ସକାଳୁ ଗ୍ରହଣ କରିପାରିବେ । ଆପଣ ଚାହିଁଲେ ଅଁଳା ଓ ଆଲୋବେରା ରସ ବି ପିଇପାରିବେ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ବିପଜ୍ଜନକ ନୀତି...

ପ୍ରତିବେଶୀ ଆନ୍ଧ୍ରପ୍ରଦେଶର ଦାଦାଗିରି ଦିନକୁ ଦିନ ବଢ଼ିବାରେ ଲାଗିଛି । କେତେବେଳେ ତାହା ଭୌଗୋଳିକ ସୀମା ବାହାରକୁ ଚାଲିଯାଉଛି ତ' କେତେବେଳେ ଆମ ରାଜ୍ୟର ସଂସ୍କୃତି ଉପରେ ଆଘାତ ହାଣୁଛି । ଆନ୍ଧ୍ରରେ ଏହା ପୂର୍ବରୁ ଥିଲା ତେରଟି ଜିଲ୍ଲା । ଜଗନ୍ମୋହନ ସରକାର ହଠାତ୍ ସ୍ଥିର କଲେ କି, ଏହା ୨୬ଟି ଜିଲ୍ଲା କରାଯିବ । ଓଡ଼ିଶା ସହ ଉକ୍ତ ରାଜ୍ୟର ସୀମା ବିବାଦ ଏବେକାର ପ୍ରସଙ୍ଗ ନଥିଲା ବେଳେ କୋଟିଆ ଗ୍ରାମପୁଞ୍ଜକୁ ନେଇ କିଭଳି ନବଗଠିତ 'ପାର୍ବତୀପୁରମ ମାନ୍ୟମ' ଜିଲ୍ଲାରେ ବିବାଦୀୟ ସ୍ଥିତି ସୃଷ୍ଟି କରାଯାଉଛି । ବିବାଦୀୟ ଗ୍ରାମପୁଞ୍ଜ ନେଇ ଦୁଇ ରାଜ୍ୟ ଭିତରେ ମାମଲା ଏବେବି ବିବାଦପୂର୍ଣ୍ଣ ରହିଥିବା ବେଳେ ଆମକୁ ଆନ୍ଧ୍ର ଚିଡ଼େଇଲା ଭଳି ହେଉଛି । କୋଟିଆ ପଞ୍ଚାୟତକୁ ନବଗଠିତ ପାର୍ବତୀପୁରମ୍ ମାନ୍ୟତା ଜିଲ୍ଲାରେ ସ୍ଥାନ ଦେବା ଦ୍ୱାରା ମାମଲା ଅଧିକ ବିବାଦୀୟ ହେଲା ଭଳି ଲାଗୁଛି । ଯଦିଓ ଆନ୍ଧ୍ର ସରକାର ନିଜର କେତେ ସଂଖ୍ୟକ ଜିଲ୍ଲା ସୃଷ୍ଟି କରିବେ, ତାହା ତାଙ୍କ ସରକାରର ନିଜସ୍ୱ ନିଷ୍ପତ୍ତି । ସେ ବିଷୟରେ ଆମର ମୁଣ୍ଡ ଖେଳାଇବାର ନାହିଁ । ତାହାରି ଭିତରେ କୋଟିଆ ନେଇ ବିବାଦ ରହିଥିବା ବେଳେ କିଭଳି ଆନ୍ଧ୍ର ତାହାର ସୀମା ଭିତରକୁ ନେଇ ତାହାକୁ ରାଜସ୍ୱ ଜିଲ୍ଲାରେ ସ୍ଥାନ ଦେଇଛି । ବିଜୟନଗରମ ଜିଲ୍ଲାର ପାର୍ବତୀପୁରମ ଉପଖଣ୍ଡର ସାଲୁର ମଣ୍ଡଳମ୍ (ବ୍ଲକ୍)ରେ ଥିବା କୋଟିଆକୁ ପାର୍ବତୀପୁରମ୍ ମାନ୍ୟମ ଅନ୍ତର୍ଗତ କରିଛି । ୨୦୧୪ରେ ଯେଉଁ ସମୟରେ ଆନ୍ଧ୍ର ବିଭାଜନ ହେଲା, ସେହି ସମୟରେ ଆନ୍ଧ୍ର ଭାଗରେ ପଡ଼ିଥିଲା ତେରଟି ଜିଲ୍ଲା । ଅମରାବତୀକୁ ଚନ୍ଦ୍ରବାବୁ ନାଇଡୁ ସରକାର ରାଜଧାନୀ କରିବାକୁ ସିଦ୍ଧାନ୍ତ ନେଇଥିଲେ । ତାହାକୁ ନଜରରେ ରଖି ଅମରାବତୀରେ ରାଜଧାନୀ ଅଞ୍ଚଳରେ ଗଢ଼ି ଉଠିଲା ହାଇକୋର୍ଟ ଏବଂ ଆନୁଷଙ୍ଗିକ କୋଠାବାଡ଼ି । କେତେକ ପ୍ଲଟ୍ ବ୍ୟବସାୟୀ ସମାନ ଭାବରେ ସେମାନଙ୍କ ରିଏଲ୍ ଇଷ୍ଟେଟ୍ ବ୍ୟବସାୟ ଆସ୍ଥାନ ଜମାଇ ବସିଲେ । ମଝିରେ ରାଜ୍ୟ ସରକାର ତିନି ପୃଥକ୍ ରାଜଧାନୀ (ପ୍ରାଶାସନିକ, ରାଜନୈତିକ ଓ ନ୍ୟାୟିକ) କଥା କୁହାଯାଉଥିଲା । ଏବେ ନିଷ୍ପତ୍ତି ବଦଳାଇ କେତେବେଳେ ବିଶାଖାପାଟଣା ତ' ଆଉ କେଉଁଠି ହେବ ବୋଲି କୁହାଯିବା ଦ୍ୱାରା ବିଭ୍ରାନ୍ତି ଜନ୍ମ ନେଲା ଭଳି ହେଉଛି । ତେଲୁଗୁ ଭାଷାରେ 'ମାନ୍ୟମ'ର ଅର୍ଥ ହେଉଛି ପଛୁଆ । ଆନ୍ଧ୍ର ସରକାର ରବିବାର ଯେଉଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି, ସେଥିରେ ନବଗଠିତ ପାର୍ବତୀପୁରମ୍ ମାନ୍ୟମର ନୂଆ ଜିଲ୍ଲାପାଳ ଓ ନୂଆ ଆରକ୍ଷୀ ଅଧିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ସୋମବାର ମୁଖ୍ୟମନ୍ତ୍ରୀ ନୂତନ ପୁନର୍ଗଠିତ ଜିଲ୍ଲା ଘୋଷଣା କରିବେ । ଓଡ଼ିଶାର ୨୧ଟି ଗ୍ରାମ ନେଇ ୩ଟିର ନାମ ବଦଳାଇ ଦିଆଯାଇଛି, ସେଗୁଡ଼ିକ ହେଲା- ଗଂଜେଇପଦର, ଫଗୁଣସେରି ଓ ଫାଟୁସିନେରି । ଏହି ପୁନଃ ନାମକରଣ ନେଇ ଓଡ଼ିଶାର ଆପତ୍ତି ଓ ପ୍ରତିବାଦର ସେଭଳି କିଛି ପ୍ରଭାବ ପଡ଼ିଲା ନାହିଁ । ଆନ୍ଧ୍ର ଯେମିତି ମନମାନୀ ଜାହିର ରଖିଲା । ଓଡ଼ିଶା ପୂର୍ବଥର ଭଳି ଏଥର ଚୁପ୍ ରହିବାକୁ ଉଚିତ୍ ମଣିଲା । ପୋଲାଭରମ୍ ପ୍ରକଳ୍ପକୁ କେନ୍ଦ୍ର ସରକାର ଗ୍ରୀନ୍ ପ୍ରୋଜେକ୍ଟ ଘୋଷଣା କରିବା ପରଠାରୁ ଆନ୍ଧ୍ରକୁ ଅଧିକ ସାହସ ଓ ସାହାଯ୍ୟ ମିଳିଲା । ଦିନ ଗଡ଼ିବା ସହିତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଏହା ନେଇ ଓଡ଼ିଶା ସରକାରଙ୍କ ପ୍ରତିବାଦକୁ କେନ୍ଦ୍ର ସରକାର ସେଭଳି ଗୁରୁତ୍ୱ ଦେଲେ ନାହିଁ । ବଂଶଧାରା ବ୍ୟାରେଜ୍ ପୂର୍ବଭଳି ରହିଲା । ଅଧିକ ତେରଟି ଜିଲ୍ଲା ଗଠନ ଦ୍ୱାରା ଜଗନ୍ ହୁଏତ ପ୍ରାଶାସନିକ ସୁବିଧା କରିଥାଇପାରନ୍ତି, ତାହା ଓଡ଼ିଶା ଭଳି ରାଜ୍ୟର କେଉଁ ସ୍ୱାର୍ଥ ସାଧନ କରିବ, ତାହା ସବୁଠାରୁ ବଡ଼ ପ୍ରସଙ୍ଗ । କୋଟିଆ ଗ୍ରାମପୁଞ୍ଜରେ ଥିବା ରାଜସ୍ୱ ଗ୍ରାମରେ ଜନଗଣନା, ଆଧାର କାର୍ଡ ବଣ୍ଟନ ସହିତ ନିପଟ ଆଦିବାସୀଙ୍କ ସକାଶେ ବିବିଧ କଲ୍ୟାଣକାରୀ ଯୋଜନା ଲାଗୁ କରିଛନ୍ତି ଆନ୍ଧ୍ର ସରକାର । ଏହା ମଧ୍ୟରେ ପଞ୍ଚାୟତ ନିର୍ବାଚନ ସମୟରେ ଯେଉଁଭଳି କାର୍ଡ ଖେଳାଗଲା, ତାହା ସମସ୍ତଙ୍କୁ ଜଣା । ଆଦିବାସୀମାନେ ଏହିଭଳି ଆକର୍ଷଣ ଓ ପ୍ରଲୋଭନର ଜାଲରେ ପଡ଼ିଯିବା ସ୍ୱାଭାବିକ୍ । କିନ୍ତୁ ଆମ ସରକାର ଉଚ୍ଚ ନ୍ୟାୟାଳୟରେ ରହିଥିବା ମାମଲା ନେଇ ଯେମିତି ତତ୍ପରତା ଦେଖିବା କଥା, ତାହା କରୁନଥିବାରୁ ଅନେକ କ୍ଷେତ୍ରରେ ନିରାଶ ହେବାକୁ ପଡୁଛି । ସୁଖର କଥା, ସୁପ୍ରିମ କୋର୍ଟରେ ଆନ୍ଧ୍ର ପକ୍ଷରୁ କରାଯାଇଥିବା ନିର୍ବାଚନ ମାମଲା ଉପରେ ରାଜ୍ୟ ସରକାରଙ୍କ ସପକ୍ଷରେ ସିଦ୍ଧାନ୍ତ ଯୁକ୍ତି ଆଧାରରେ ଦେଇଛନ୍ତି, ତାହା ଆନ୍ଧ୍ର ସରକାରଙ୍କ ପ୍ରତି ଧକ୍କା ଭଳି । ମାତ୍ର ସବୁ କଥା ବିଚାରକୁ ନେଇ ଯଦି ଆନ୍ଧ୍ର ସରକାର ପରିଚାଳିତ ହୋଇଥାନ୍ତେ, ତାହା ଅଧିକ ବିବାଦୀୟ ହୋଇନଥାନ୍ତା ବୋଲି ବୁଦ୍ଧିଜୀବୀଙ୍କ ମତ ।

ସ୍ଥିତି ରକ୍ଷା କରିବାରେ ବିଫଳ କଂଗ୍ରେସ

ଗୋପାଳ ମହାପାତ୍ର

ନିକଟରେ ସରିଥିବା ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ କଂଗ୍ରେସକୁ ଶକ୍ତ ଝଟକା ଦେଇଛି । ୪ଟତି ରାଜ୍ୟରେ ବିଜେପି ସରକାର ଗଠନ କରିଥିବାବେଳେ ପଞ୍ଜାବରେ ଆପ୍ ଆଦମୀ ପାର୍ଟି ସରକାର ଗଢିଛି । ଏହି ୫ଟି ରାଜ୍ୟରେ କଂଗ୍ରେସ ପୂର୍ବର ବିଧାନସଭା ନିର୍ବାଚନ ଅପେକ୍ଷା କମ୍ ଭୋଟ ପାଇଛି । ନିର୍ବାଚନ ପୂର୍ବରୁ କଂଗ୍ରେସ ପଞ୍ଜାବ, ଉତ୍ତରାଖଣ୍ଡ ଏବଂ ଗୋଆରେ ସରକାର ଗଢିବ ବୋଲି ଆଶା ରଖିଥିଲା । କଂଗ୍ରେସର ବିଶ୍ୱାସ ଥିଲା ଯେ, କୃଷକ ଆନ୍ଦୋଳନ ଏବଂ ପଞ୍ଜାବର ମୁଖ୍ୟମନ୍ତ୍ରୀ ପଦରୁ ଅମରିନ୍ଦର ସିଂହଙ୍କୁ କାଢି ଦଳିତ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାର ଫାଇଦା ମିଳିବ । ଅନ୍ୟ ପକ୍ଷରେ ଉତ୍ତରାଖର୍ଡ ଜନତା ପ୍ରତି ୫ବର୍ଷରେ ସରକାର ବଦଳାଇବାର ନଜିର ଥିଲା । ଏଣୁ କଂଗ୍ରେସ ଭାବିଥିଲା ଏଥର ଉତ୍ତରାଖଣ୍ଡରେ ସରକାର ଗଢିବ । କିନ୍ତୁ ପଞ୍ଜାବରେ ଆମ ଆଦମୀ ପାର୍ଟି ଜିତିଲା ଓ ଉତ୍ତରାଖଣ୍ଡରେ ବିଜେପି ୨ୟ ଥର ପାଇଁ ସରକାର ଗଢିଲା । ଗୋଆରେ ଗତଥର ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠ ଦଳଥିଲା କିନ୍ତୁ ଏଥର ଶୋଚନୀୟ ଭାବରେ ସ୍ଥିତି ହରାଇଛି । ମଣିପୁରରେ ମଧ୍ୟ ଆଞ୍ଚଳିକ ଦଳଠାରୁ କମ୍ ଭୋଟ ପାଇଛି କଂଗ୍ରେସ । ଦେଶର ସବୁଠାରୁ ବଡ଼ ପ୍ରଦେଶ ବା ରାଜ୍ୟ ଉତ୍ତରପ୍ରଦେଶରେ କଂଗ୍ରେସ ମଧ୍ୟ ତାର ସ୍ଥିତି ହରାଇଛି । ଏକଥା ମଧ୍ୟ ସତ୍ୟ ଯେ, ଉତ୍ତର ପ୍ରଦେଶରେ କଂଗ୍ରେସର ସଂଗଠନ ଦୁର୍ବଳ ଥିଲା ତଥାପି ପ୍ରିୟଙ୍କା ଗାନ୍ଧୀ ଉତ୍ତର ପ୍ରଦେଶ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । କିନ୍ତୁ କଂଗ୍ରେସ ପୂର୍ବ ନିର୍ବାଚନ ଅପେକ୍ଷା କମ୍ ଭୋଟ ପାଇଥିଲା ।

୧୯୮୪ ଲୋକସଭା ନିର୍ବାଚେନ ପରଠାରୁ କଂଗ୍ରେସ କେନ୍ଦ୍ରରେ ମେଣ୍ଟ ସରକାର ହିଁ ଗଠନ କରିଛି । ଏହା ପରଠାରୁ କଂଗ୍ରେସର ବିଘଟନ ଘଟି ଚାଲିଛି । ବିଗତ ୮ବର୍ଷ ମଧ୍ୟରେ ବିଜେପି କେନ୍ଦ୍ରରେ ଦୁଇଥର ସରକାର ଗଠନ କରିଛି ଏବଂ ଅନେକ ରାଜ୍ୟରେ ମଧ୍ୟ ବିଜେପିର ସରକାର ରହିଛି । ବିଗତ ୭ରୁ ୮ବର୍ଷ ମଧ୍ୟରେ କଂଗ୍ରେସ ଲୋକସଭା ସହିତ ରାଜ୍ୟ ବିଧାନସଭା ନିର୍ବାଚନରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଛି । ଏଭଳି ହେବା ପଛରେ ଅନେକ କାରଣ ରହିଛି । ପ୍ରଥ ଓ ମୁଖ୍ୟ କାରଣ ହେଉଛି କଂଗ୍ରେସ ବିରୁଦ୍ଧରେ ସବୁବେଳେ ପରିବାର ବାଦର ଅଭିଯୋଗ କରାଯାଉଛି । ଏହି ଅଭିଯୋଗ ମଧ୍ୟସତ୍ୟ । କଂଗ୍ରେସ ଦଳର ଅଧକ୍ଷ ପଦରେ ପ୍ରାୟତଃ ଗାନ୍ଧୀ ପରିବାରର ଲୋକେ ଅଧିଷ୍ଠିତ ହେଉଛନ୍ତି ଓ କଂଗ୍ରେସ ଗାନ୍ଧୀ ପରିବାରର ନିୟନ୍ତ୍ରଣରେ ରହୁଛି । ଏହି ପରିବାର ବାଦ କଥା କହି ବିଜେପି ଓ ଅନ୍ୟ ଦଳମାନେ ସବୁବେଳେ ବିଜେପିକୁ କଂର୍ଗେଟ କରୁଛନ୍ତି । କଂଗ୍ରେସକୁ ଗାନ୍ଧୀ ପରିବାରର ଦଳ ବୋଲି ମଧ୍ୟ କୁହାଯାଉଛି । ଦେଶର ଜନସାଧାରଣ ମଧ୍ୟ ଏହି ଅଭିଯୋଗ ଠିକ୍ ବୋଲି ମାନିନେଲେଣି । ଏକଥା ନୁହେଁ ଯେ, ଅନ୍ୟଦଳରେ ପରିବାର ବାଦ କଥା ନାହିଁ କିନ୍ତୁ କଂଗ୍ରେସ ଏହି ଅଭିଯୋଗର ମାତ୍ରାଧିଖ ଶିକାର ହେଉଛି ।

ଦ୍ୱିତ କାରଣେ ହେଉଛି ସାଙ୍ଗଠନିକ ଦୁର୍ବଳତା । ଯେଉଁ ରାଜ୍ୟରେ କଂଗ୍ରେସ ସିଧାସଳଖ ମୁକାବିଲା ବିଜେପି ସହ ହେଉଛି ସେ ସବୁ ରାଜ୍ୟରେ କଂଗ୍ରେସ ହାରୁଛି । ଅନେକ ରାଜ୍ୟରେ ଆଞ୍ଚଳିକ ଦଳମାନେ କଂଗ୍ରେସଠାରୁ ବହୁ ଭଲ ପ୍ରଦର୍ଶନ କରୁଛନ୍ତି । ବିଗତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ ସହ ବିଜେପିର ସିଧାସଳଖ ଲଢେଇ ହୋଇଥିଲା ଓ ପଶ୍ଚିମବଙ୍ଗରେ କଂଗ୍ରେସ ଶୂନ ହୋଇଯାଇଥିଲା । ସେହିପରି କେରଳରେ ୫ବର୍ଷରେ ଥରେ ଶାସନ ପରିବର୍ତ୍ତନର ଧାରା ଥିଲା କିନ୍ତୁ ବାମଦଳ ପୁଣି ସରକାର ଗଠନ କଲା । ଏହା କଂଗ୍ରେସ ପାଇଁ ବଡ଼ ପରାଜୟ ଥିଲା । ଆସାମରେ ମଧ୍ୟ ସବୁଥର ପରିବର୍ତ୍ତନ ହେଉଥିଲା କିନ୍ତୁ ଗତବର୍ଷ ଆସାମ ବିଧାନସଭା ନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯାଇଥିଲା । ଏହାର କାରଣ ହେଉଛି ଆଞ୍ଚଳିକ ନେତାଙ୍କ ଉପରେ କଂଗ୍ରେସର ନିର୍ଭରଶୀଳତା । ଥରେ ଯଦି କେହି ବରିଷ୍ଠ ରାଜ୍ୟସ୍ତରୀୟ ନେତା କଂଗ୍ରେସ ଛାଡ଼ିଦିଅନ୍ତି ତେବେ ଦଳର ସଂଗଠନ ମଧ୍ୟ ଦୁର୍ବଳ ହୋଇଯାଏ ।

ତୃତୀୟ କାରଣ ହେଉଛି କଂଗ୍ରେସ ଯେଭଳି ଭାବରେ ହିନ୍ଦୁତ୍ୱ ବିଚାରକୁ ଉପେକ୍ଷା କଲା ତା'ର ନକାରାତ୍ମକ ପ୍ରଭାବ ଲୋକଙ୍କ ଉପରେ ପଡ଼ିଲା । ସମସ୍ତେ ଜାଣନ୍ତି ଯେ ରାମ ମନ୍ଦିର ନିର୍ମାଣର ନିଷ୍ପତ୍ତିରେ ବିଳମ୍ବକୁ କଂଗ୍ରେସ ଠିକ ବୋଲି କହିବା ସହ ରାମସେତୁ ଓ ରାମ ମନ୍ଦିରକୁ କାଳ୍ପନିକ ବୋଲି ଅଭିହିତ କରିଥିଲା । ଏହା ଫଳରେ ଲୋକଙ୍କ ମନରେ କଂଗ୍ରେସ ଏକ ଅଣହିନ୍ଦୁ ଦଳ ବୋଲି ଭାବନା ଜାଗ୍ରତ ହେଲା । ଏହା ମଧ୍ୟ କଂଗ୍ରେସର ବିପର୍ଯ୍ୟୟ ପାଇଁ ରାସ୍ତା ଖୋଲିଦେଲା । ଚତୁର୍ଥ କାରଣ ହେଉଛି କଂଗ୍ରେସ ନେତାଙ୍କର ତ୍ରୁଟିପୂର୍ଣ୍ଣ ବିଶ୍ଳେଷଣ । ଅଧିକତର କଂଗ୍ରେସ ନେତାଙ୍କର ତୃଣମୂଳ ସ୍ତରରେ ପ୍ରଭାବ ନାହିଁ । ସେମାନେ ତୃଣମୂଳ ସ୍ତରର କର୍ମକର୍ତ୍ତାମାନଙ୍କ ସମ୍ପର୍କରେ ରହୁନଥିବା କାରଣରୁ ଯେଉଁ ସବୁ ନିଷ୍ପତ୍ତି ନେଉଛନ୍ତି ତାହା ଭଲ ସାବ୍ୟସ୍ତ ହେଉଛି । ଏଣୁ କଂଗ୍ରେସକୁ ଦଳର ପରାମର୍ଶଦାତା ମାନଙ୍କର ପରାମର୍ଶ ଉପରେ ପୁନଃ ବିଚାର କରିବାର ଆବଶ୍ୟକତା ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ପଞ୍ଚମ କାରଣ ହେଉଛି କଂଗ୍ରେସ ବାମପନ୍ଥୀ ବିଚାରର ବି ଟିମ୍ ଭାବେ କାର୍ଯ୍ୟ କରିବା ।

୫ଟି ରାଜ୍ୟରେ କଂଗ୍ରେସର ବିପର୍ଯ୍ୟୟ ପରେ ଗତ ମାର୍ଚ୍ଚ ମାସ ୧୩ ତାରିଖରେ ଦଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅନେକ ବିଚାର ବିମର୍ଶ ହୋଇଥିଲା । କିନ୍ତୁ ଅନେକ ବରିଷ୍ଠ ନେତା ଦଳର ଅଧକ୍ଷ ପଦରେ ଗାନ୍ଧୀ ପରିବାର ବାହାରୁ କୌଣସି ନେତାଙ୍କୁ ଅବସ୍ଥାପିତ କରାଯିବା ଉପରେ ଗୁରୁତ୍ୱ ଦେଉଛନ୍ତି । ଅନେକ ନେତା ଗାନ୍ଧୀ ପରିବାରର ନେତୃତ୍ୱ ଉପରେ ପ୍ରଶ୍ନ ଉଠାଉଛନ୍ତି । ଯେଉଁ ନେତାମାନେ ଗାନ୍ଧୀ ପରିବାରର ନେତୃତ୍ୱ ଏବଂ ଲୋକ ସମର୍ଥନ କାରଣରୁ ଶାସନର ସୁଖ ଭୋଗ କରୁଥିଲେ ସେମାନେ ଏବେ କଂଗ୍ରେସର ବିପର୍ଯ୍ୟୟ ସର୍ବୋପରି ଶାସନ ଗାଦୀଠାରୁ ଦୂରରେ ରହିଥିବାରୁ ନେତୃତ୍ୱ ବିରୁଦ୍ଧରେ ମୁଖର ହୋଇପଡ଼ିଛନ୍ତି । ଅସଲ କଥା ହେଉଛି ଯେଉଁମାନେ ନେତୃତ୍ୱକୁ ବିରୋଧ କରୁଛନ୍ତି ସେମାନଙ୍କର ଅସଲ ସମସ୍ୟା ଦଳର ନେତୃତ୍ୱ ନୁହେଁ । କଂଗ୍ରେସ ଶାସନରେ ଥିବାବେଳେ ଏମାନେ ନେତୃତ୍ୱ ପରିବର୍ତ୍ତନ କଥା ଉଠାଉନଥିଲେ କାହିଁକି ? କଂଗ୍ରେସ ଶାସନକୁ ନ ଆସିବାରୁ ଏମାନଙ୍କୁ ବାହାନା ମିଳିଯାଉଛି । ଯାହାବି ହେଉ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଦଳର ସ୍ଥିତି ସୁଧାରିବା ପାଇଁ ପ୍ରଯତ୍ନ କରାଯିବ । ଏଣୁ ଆଶା କରାଯାଉଛି ଯେ ଆଗାମୀ ଦିନରେ କଂଗ୍ରେସରେ ବ୍ୟାପକ ପରିବର୍ତ୍ତନ ହେବ ଓ କଂଗ୍ରେସ ଅନ୍ତତଃ ଏକ ବିରୋଧୀ ଦଳ ଭୂମିକା ନିର୍ବାହ କରିବାରେ ସକ୍ଷମ ହେବ ।

ଏବେ ଗୋଟିଏ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି । ପ୍ରଶ୍ନଟି ହେଉଛି ଦେଶର ସର୍ବପୁରାତନ ଦଳ କ'ଣ ଏବେ ରାଜନୀତିରେ ଅପ୍ରାସଙ୍ଗିକ ହୋଇପଡ଼ିଛି ? ଦଳର ଆଭ୍ୟନ୍ତରୀଣ କନ୍ଦଳ ଏବଂ ବୁଜାବଣା କାରଣରୁ ବିଗତ ୫ ବର୍ଷରେ କଂଗ୍ରେସ ଦଳରୁ ୧୭୦ରୁ ଅଧିକ ବିଧାୟକ ଦଳ ଛାଡ଼ି ଅନ୍ୟ ଦଳକୁ ଚାଲିଯାଇଛନ୍ତି । ଦଳରେ ଏବେ ଯେଉଁମାନେ ଅଛନ୍ତି ସେମାନେ ଗାନ୍ଧୀ ପରିବାର ସପକ୍ଷବାଦୀ ଓ ବିପକ୍ଷବାଦୀ ଭାବେ ବାଣ୍ଟି ହୋଇଯାଇଛନ୍ତି । ୯୦ ଦଶକରେ ଯେତେବେଳେ ପି.ଭି.ନରସିଂହ ରାଓ ପ୍ରଧାନମନ୍ତ୍ରୀ ହେଲେ ସେତେବେଳେ ଦଳର ଅବସ୍ଥା ମଧ୍ୟ ଏଭଳି ଥିଲା । ଫରକ୍ ଏତିକି ଯେ ଏବେ ନେତା ଦଳ ଛାଡ଼ି ଅନ୍ୟ ଦଳକୁ ଯାଉଛନ୍ତି କିନ୍ତୁ ସେତେବେଳେ ଅସନ୍ତୁଷ୍ଟ ନେତାମାନେ ଦଳ ଗଢ଼ିଥିଲେ । ଏ କଥା ମଧ୍ୟ ସତ୍ୟ ଯେ କଂଗ୍ରେସ ଦଳ ଦେଶରୁ ନିଶ୍ଚିହ୍ନ ହୋଇଯାଇନାହିଁ । ୫ଟି ରାଜ୍ୟର ବିଧାନସଭା ନିର୍ବାଚନରେ ପରାଜୟ ସତ୍ତ୍ୱେ ଆଜି ବି ସାରା ଦେଶରେ କଂଗ୍ରେସର ୭୦୦ ବିଧାୟକ ଅଛନ୍ତି ଓ ଦେଶର ୨୦ ପ୍ରତିଶତ ପାଖାପାଖି ଭୋଟ କଂଗ୍ରେସ ସପକ୍ଷରେ ରହିଛି । ଏବେ ଦେଶର ବୃହତ ଦଳ ବିଜେପିର ବିଧାୟକ ସଂଖ୍ୟା ୧୩୦୦ ପାକାପାଖି ରହିଛି । ଅର୍ଥାତ ସାରା ଦେଶରେ ତଳସ୍ତରରେ କଂଗ୍ରେସ ଏତେ ଦୁର୍ବଳ ହୋଇ ପଡ଼ିନାହିଁ ଯାହା କୁହାଯାଉଛି । ଏଣୁ ଦଳ ଭିତରେ ଥିବା ସମସ୍ୟାର ସମାଧାନ କରି ସଂଗଠନକୁ ବ୍ୟାପକ କରିବା ଦିଗରେ ଯଦି ଦଳ ସଠିକ ପଦକ୍ଷେପ ନେବ ତେବେ କଂଗ୍ରେସ ତା'ର ସ୍ଥିତିକୁ ସୁଧାରିପାରିବ । ଅନ୍ୟଥା ଆଉ କିଛି ବର୍ଷ ପରେ ଭାରତ କଂଗ୍ରେସମୁକ୍ତ ହୋଇଯିବା ନିଶ୍ଚିତ ।

❤ ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪

ଜାତୀୟ ସ୍ୱାର୍ଥ କୈନ୍ଦ୍ରିକ ଭାରତର ବୈଦେଶିକ ନୀତି

ଡ. ସମନ୍ୱୟ ନନ୍ଦ

ଗତ କିଛି ଦିନ ହେବ ନୂଆଦିଲ୍ଲୀ ବିଶ୍ୱ କୂଟନୀତିର କେନ୍ଦ୍ରରେ ଅଛି । ଅନେକ ଦେଶର ବଡ ବଡ ନେତା ଭାରତ ଗସ୍ତରେ ଆସିଛନ୍ତି । ଗତ କିଛି ଦିନ ମଧ୍ୟରେ ପାଂଚଟି ବଡ ବଡ ତଥା ବିଶ୍ୱ ରାଜନୀତିରେ ପ୍ରଭାବ ରଖୁଥିବା ଦେଶ ମାନଙ୍କର ନେତା ଓ ଅଧିକାରୀ ମାନେ ନୂଆ ଦିଲ୍ଲୀ ଗସ୍ତରେ ଅଛନ୍ତି । ସବୁଠାରୁ ବଡ କଥା ହେଲା ୯ ଯ ସେମାନେ ନୂଆଦିଲ୍ଲୀ ଗସ୍ତରେ ଆସିବାକୁ ସମାନ ସମୟ ବାଛିଛନ୍ତି ।

ଯେଉଁ ଦେଶର ନେତା ଓ କୂଟନୀତିଜ୍ଞ ମାନେ ଭାରତ ଆସି ଭାରତକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କ ମଧ୍ୟରେ ଆମେରିକାର ଡେପୁଟି ଏନଏସଏ ଦଲିପ ସିଂହ ସାମିଲ ଥିଲେ । ସେହିପରି ବ୍ରିଟେନର ବୈଦେଶିକ ସଚିବ ଏଲିଜାବେଥ୍ ଟ୍ରସ, ମେକ୍ସିକୋର ବୈଦେଶିକ ମନ୍ତ୍ରୀ ମାର୍ସେଲୋ ଏବ୍ରାଡ କେସାବୋନ ମଧ୍ୟ ଭାରତର ଗସ୍ତରେ ଆସିଛନ୍ତି । ସେହିପରି ନେଦରଲ୍ୟାଣ୍ଡର ଜାତୀୟ ସୁରକ୍ଷା ପରାମର୍ଶଦାତା ଭାନ ଲିଉନ ମଧ୍ୟ ଭାରତ ଗସ୍ତରେ ଆସିଛନ୍ତି । ଏହି ନେତା ମାନଙ୍କର ନୂଆଦିଲ୍ଲୀ ଗସ୍ତ କରିବାର ଓ ସମାନ ସମୟରେ ଗସ୍ତ କରିବାର ଉଦ୍ଦେଶ୍ୟ ସ୍ୱଷ୍ଟ । ଋଷ – ୟୁକ୍ରେନ ମଧ୍ୟରେ ଚାଲିଥିବା ସଂଘର୍ଷକୁ ଏକ ମାସ ବିତି ସାରିଲାଣି । ଏହି ପ୍ରସଙ୍ଗରେ ପାଶ୍ଚାତ୍ୟ ଦେଶ ମାନେ ଭାରତକୁ ସେମାନଙ୍କ ସାଥିରେ ନେବାକୁ ଚେଷ୍ଟା କରୁଛନ୍ତି । ଏକା ସମୟରେ ଏତେ ଦେଶ ମାନଙ୍କର ନେତା ଓ କୂଟନୀତିଜ୍ଞ ମାନଙ୍କର ଭାରତ ଗସ୍ତରେ ଆସିବା ବିଶ୍ୱ ରାଜନୀତିରେ ଭାରତର କେତେ ଗୁରୁତ୍ୱ ବଢିଛି ତାକୁ ସ୍ୱଷ୍ଟ ଭାବେ ପ୍ରତିପାଦିତ କରୁଛି ।

ଋଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାବରୋଭ ମଧ୍ୟ ଭାରତ ଆସିଥିଲେ । ସେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ସହ ଆଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି । ଉଭୟଙ୍କ ମଧ୍ୟରେ ପାଖା ପାଖି ୪୦ ମିନିଟ ଯାଏ କଥାବାର୍ତା ହୋଇଥିଲା । ଏଠାରେ ଗୋଟିଏ କଥା ଉଲ୍ଲେଖ କରିବା ନିହାତି ଜରୁରୀ । ଗତ କିଛି ଦିନ ତଳେ ଚୀନର ବୈଦେଶିକ ମନ୍ତ୍ରୀ ଭାରତ ଗସ୍ତରେ ଆସିଥିଲେ । ସେତେବେଳେ ସେ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସାକ୍ଷାତ କରିବାକୁ ଚାହିଁ ଥିଲେ । ସେତେବେଳେ ତାଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଖୁବ ବ୍ୟସ୍ତ ଅଛନ୍ତି ବୋଲି ଚୀନକୁ ସୂଚନା ଦିଆ ଯାଇଥିଲା ।

କେବଳ ସେତିକି ନୁହେ

ହ୍ୱିଲ୍ ଚେୟାରକୁ ବନାଇଲେ 'ପୁଲିସ୍ କାର'

ଅସୁସ୍ଥ ଟିଅକୁ ଖୁସି କରିବା ପାଇଁ ନିଜ ପିଲାମାନଙ୍କ ଖୁସିରେ ବାପା-ମାଆ ମାନେ ଖୁସି ହୋଇଥାନ୍ତି । ପିଲାଙ୍କ ଇଚ୍ଛାକୁ ପୂରଣ ପାଇଁ ସେମାନେ ସବୁ ପ୍ରକାର ଚେଷ୍ଟା ମଧ୍ୟ କରିଥାଆନ୍ତି । ନିଜ ଝିଅକୁ ଖୁସି ଦେବା ପାଇଁ ଜଣେ ବାପାଙ୍କ ଉଦ୍ୟମକୁ ଏବେ ସବୁଠି ପ୍ରଶଂସା କରାଯାଉଛି । ୭ବର୍ଷର ଝିଅ ହାଇଲେ ହକ୍‌କୁ ଏକ ବିରଳ ରୋଗ ହୋଇଥିବାବେଳେ ତା'ର ଆଖି ଏବଂ କିଡନୀ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ତେଣୁ ନିଜ ଝିଅର ମୁହଁରେ ଖୁସି ଆଣିବା ପାଇଁ ହାଇଲେଙ୍କ ବାପା ଝିଅର ହ୍ୱିଲ ଚେୟାରକୁ ପୁଲିସ୍ କାରରେ ବଦଳାଇ ଦେଇଛନ୍ତି । ହାଇଲେଙ୍କ ବାପା କହିଛନ୍ତି ଯେ, ମୋ ଝିଅର ବଡ଼ ଇଚ୍ଛା ଅଛି ସେ ଦିନେ ପୁଲିସ୍ ଅଫିସର ହେବ । ହେଲେ ଏହା କେତେଦୂର ସଫଳ ହେଉଛି ତାହା ଭଗବାନଙ୍କ ଉପରେ ନିର୍ଭର କରେ । ଅସୁସ୍ଥତା କାରଣରୁ ମୁଁ ଯେତେବେଳେ ତା ପାଇଁ ହ୍ୱିଲ୍ ଚେୟାର ଆଣିଥିଲି ସେତେବେଳେ ସେ କିଛିଟା ସନ୍ଦେହ କରିଥିଲା । ତେଣୁ ମୁଁ ଏହି ହ୍ୱିଲ ଚେୟାରକୁ କାରରେ ବଦଳାଇଦେଇଛି । ଏବେ ସେ ବେଶ ଖୁସି । ଏହି କାରରେ ମଧ୍ୟ ପୁଲିସ୍ ଲେଖାଯାଇଛି । ରିପୋର୍ଟ ଅନୁସାରେ ସ୍ଥାନୀୟ ପୁଲିସ ଏହି ପୁଲିସ କାର ପାଇଁ ହାଇଲେଙ୍କ ବାପାଙ୍କୁ ଅନୁମତି ଦେଇଛି । ପୁଲିସ ବିଭାଗ ପକ୍ଷରୁ ଏହି କାରର ଫଟୋ ସୋସିଆଲ ମିଡିଆରେ ସେୟାର କରାଯିବା ସହ କୁହାଯାଇଛି ଯେ, ହାଇଲେଙ୍କୁ ଆମେ ଆମ ବିଭାଗରେ ସ୍ୱାଗତ କରୁଛୁ, ଏହା ଆମର ସୌଭାଗ୍ୟ ଯେ, ସେ ଆମ ସାଥିରେ ଅଛନ୍ତି।

ଦେଶ ବାହାରେ ଶିବ ମନ୍ଦିର

ସର୍ବବିଦ୍ୟମାନ ଦେବାଧିଦେବ ମହାଦେବ । କେବଳ ଭାରତରେ ତାଙ୍କୁ ପୂଜା କରାଯାଏ ନାହିଁ, ବିଶ୍ୱର ବିଭିନ୍ନ ଦେଶରେ ବିଶ୍ୱନାଥଙ୍କର ମନ୍ଦିର କେଉଁ ପ୍ରାଚୀନ କାଳରୁ ରହିଆସିଛି । ଏହା ମଧ୍ୟରୁ ସ୍ଥାପତ୍ୟ ଏବଂ ସାଜସଜ୍ଜାରେ ଖୁବ୍ ଆବର୍ଷଣୀୟ ଥିବା ପ୍ରମୁଖ ପାଞ୍ଚଟି ମନ୍ଦିରର କଥା...

ପ୍ରମ୍ବନନ୍ଦିର (ଜାଭା ଇଣ୍ଡୋନେସିଆ)

ନମବ ଶତାବ୍ଦୀରେ ମାତରମ ରାଜ୍ୟର ଶାସକ ରାକାଇ ପିକତାନ ଏହି ମନ୍ଦିର ନିର୍ମାଣ କରାଇଥିଲେ । ହିନ୍ଦୁ ସଂସ୍କୃତି ,ବଂ ଦେବଦେବୀଙ୍କୁ ସମର୍ପିତ ଏହା ଏକ ଖୁବ ସୁନ୍ଦର ,ବଂ ପ୍ରାଚୀନ ମନ୍ଦିର । ଦକ୍ଷିଣ-ପୂର୍ବ ଏସିଆରେ ଏହା ଅନ୍ୟତମ ବୃହତ୍ତମ ମନ୍ଦିର ହୋଇଥିବାବେଳେ ଇଣ୍ଡୋନେସିଆର ସର୍ବବୃତ ହିନ୍ଦୁ ମନ୍ଦିର । 'ପ୍ରମ୍ବନନ' ଶବ୍ଦଟି 'ପର ବ୍ରହ୍ମନ'ରୁ ଆସିଛି । ଜାଭା ଭାଷାରେ ଏହାର ଅର୍ଥ ପରଂବ୍ରହ୍ମ । ମନ୍ଦିରଟି ବ୍ରହ୍ମା, ବିଷ୍ଣୁ ଏବଂ ଶିବଙ୍କ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ବେଳେ ଏହିପରି ୨୪୦ଟି ମନ୍ଦିର ଥିଲା । ଏଥିରୁ ଅଧିକାଂଶ ଏବେ ଧ୍ୱଂସପ୍ରାୟ ଶିବଙ୍କ ପାଇଁ ଥିବା ମନ୍ଦିରୀଟି ପରିସରର ସବୁଠାରୁ ଭିତରେ ରହିଛି । ଏହା ଏଠାରେ ଥିବା ମନ୍ଦିରମାନଙ୍କ ମଧ୍ୟରୁ ସର୍ବବୃହତ ।

ପଶୁପତିନାଥ ମନ୍ଦିର (କାଠମାଣ୍ଡୁ, ନେପାଳ)



ଏଂ ଏଠାକାର ଅନ୍ୟତମ ପ୍ରାଚୀନ ମନ୍ଦିର । ପଶୁପତିନାଥ ଅର୍ଥ ସଂସାରର ସମସ୍ତ ଜୀବଙ୍କ ଭଗବାନ । ହିନ୍ଦୁ ଏବଂ ନେପାଲୀ ବାସ୍ତୁକଳାକୁ ପ୍ରତିଫଳିତ କରୁଥିବା ଏହି ମନ୍ଦିର ଉଇ କାରଣରୁ ଖୁବ କ୍ଷତିଗ୍ରସ୍ତ ହୋଇଥିଲା । ତେଣୁ ସପ୍ତଦଶ ଶତାବ୍ଦୀରେ ଏହାର ପୁନଃନିର୍ମାଣ କରାଗଲା । ମନ୍ଦିରର ଭଗବାନ ଶିଙ୍କର ଗୋଟିଏ ଚତୁର୍ମୁଖ ମୂର୍ତ୍ତି ରହିଛି । ଦର୍ଶନ ଲାଗି ଭିତରକୁ ଯିବା ପାଇଁ; ଚାରୋଟି ରୂପା କବାଟ ବି ଏଠାରେ ଅଛି । ଶୈବ ନାୟାନାରମାନେ ଷଷ୍ଠରୁ ନବମ ଶତାବ୍ଦୀ ମଧ୍ୟରେ । ପ୍ରତିଷ୍ଠା କରିଥିବା ୨୭୫ ପାଦଲ ପେତ୍ର ସ୍ଥଳମ ମଧ୍ୟରୁ ଏହା ଅନ୍ୟତମ । ଅନ୍ୟଗୁଡ଼ିକ ମଧ୍ୟରେ ୨୬୫ଟି ତାମିଳନାଡୁତଥା ୨ଟି ଲେଖାଏଁ ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଶ୍ରୀଳଙ୍କାରେ ଥିବାବେଳେ କର୍ଣ୍ଣାଟକ ଓ କେରଳରେ ଗୋଟିଏ ଲେଖାଏଁ ଏପରି ମନ୍ଦିର ରହିଛି । ଏହା ସହିତ କୈଳାସର ଥିବା ତିରୁକାୟିଲାୟମ ମଧ୍ୟ ଏହି ତାଲିକା ଅନ୍ତର୍ଭୁକ୍ତ ।

ଅରୁଲମିଗୁ ଶ୍ରୀ ରାଜା କାଲିଅମ୍ମନ ମନ୍ଦିର (ଜୋହେରବରୁ, ମାଲେସିଆ)

୧୯୨୨ ମସିହାରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ଏହାର ଗର୍ଭଗୃହରେ ପ୍ରାୟ ୩ଲକ୍ଷ ରୁଦ୍ରାକ୍ଷ ଲଗାଯାଇ ସାଜସଜ୍ଜା କରାଯାଇଛି । ଜୋହେର ବରୁର ସର୍ବପ୍ରାଚୀନ ମନ୍ଦିରଗୁଡ଼ିକ ମଧ୍ୟରୁ ଅନ୍ୟତମ ଏହି ମନ୍ଦିରର ଭବ୍ୟ ଗଠନଶୈଳୀ, ବିଶେଷକରି କାଚରେ କରାଯାଇଥିବା କାରୁକାର୍ଯ୍ୟ ଶ୍ରଦ୍ଧା, ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ । କୁହାଯାଏ ଯେଉଁସ୍ଥାନରେ ଏହି ମନ୍ଦିର ରହିଛି ସେଠାକାର ଭୂମି ଜୋହେର ବରୁର ସୁଲତାନ ଭାରତୀୟମାନଙ୍କୁ ଉପହାର ଦେଇଥିଲେ । ଆରମ୍ଭରେ ମନ୍ଦିରଟି ଏକ କୁଡ଼ିଆ ପରି ଦେଖାଯାଉଥିଲା । ପରେ ଏହାର ଅଭିବୃଦ୍ଧି ଘଟିବା ସହିତ ଭବ୍ୟକଳାକୃତିର ମନ୍ଦିର ଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି ।

ରହସ୍ୟଜନକ ୧୩୦୦ ବର୍ଷର ମହଲ

ରୁଷରେ ଥିବା ସବୁଠାରୁ ରହସ୍ୟଜନକ ସ୍ଥାନଗୁଡ଼ିକ ମଧ୍ୟରେ ଏହି ମହଲ ହେଉଛି ୧୩୦୦ବର୍ଷ ପୁରାତନ। ଦୁର୍ଗମ ତଥା ସମୁଦ୍ର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଦ୍ୱୀପରେ ସ୍ଥିତ ଏହି ମହଲର ଥିବା ସତ୍ତ୍ୱେ ଉପଯୋଗ ବିହୀନ ହୋଇ ରହିଛି। ଗ୍ରୀଷ୍ମ ଅବକାଶ କଟାଇବା ଉଦ୍ଦେଶ୍ୟରେ ଜନୈକ ରାଜା ଏହି ମହଲ ନିର୍ମାଣ କରିଥିଲେ ବୋଲି ସେଠାକାର ଲୋକଙ୍କ ବିଶ୍ୱାସ। ତେବେ ମହଲର ବର୍ତ୍ତମାନ ପରିସ୍ଥିତିରେ ଯଥାଯଥ କୌଣସି ସମ୍ମାନ ଥିବା ସତ୍ତ୍ୱେ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବା ଦୃଷ୍ଟିଗୋଚର ହୋଇଥାଏ। ଜନସଂଖ୍ୟା ବିହୀନ ଏହି କ୍ଷେତ୍ରକୁ ପୋର୍ ବୋଜିନ୍ କୁହାଯାଇଥାଏ। ୧୮୯୧ ମସିହାରେ ପ୍ରଥମକରି ଏହି ମହଲ ଦେଖିବାକୁ ମିଳିଥିଲା।

ମୁନେଶ୍ୱରମ୍ ମନ୍ଦିର(ମୁନ୍ନେଶ୍ୱରମ, ଶ୍ରୀଲଙ୍କା)

ରାମାୟଣ କାଳରୁ ଏହି ମନ୍ଦିର ପ୍ରତଷ୍ଠିତ ଥିବାର କୁହାଯାଇଛି । ଶ୍ରୀଲଙ୍କାର ଏକ ଗ୍ରାମ ମୁନ୍ନେଶ୍ୱରମରେ ଥିବା ଏହି ମନ୍ଦିରରେ ଭଗବାନ ମହାଦେବଙ୍କ ସହିତ କାଳୀଙ୍କୁ ପୂଜା କରାଯାଏ ଦକ୍ଷିଣ ଭାରତୀୟ ଦ୍ରାବିଡ଼ ଶୈଳୀରେ ନିର୍ମିତ ମନ୍ଦିରର ସ୍ଥାପତ୍ୟ ଖୁବ ଭବ୍ୟ ଏବଂ ଆକର୍ଷର । ପ୍ରତିବର୍ଷ ଶ୍ରୀଲଙ୍କା ଏବଂ ଭାରତରୁ ଏଠାକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସିଥାନ୍ତି । ଭଗବାନ ଶ୍ରୀରାମ ରାବଣଙ୍କୁ ବଧ କରିବା ପରେ ଏଠାରେ ଶିବଙ୍କ ପୂଜାର୍ଚ୍ଚନା କରିଥିଲେ ବୋଲି କୁହାଯାଏ । ମନ୍ଦିର ପରିସରରେ ପାଞ୍ଚଟି ମନ୍ଦିର ଥିବାବେଳେ ସବୁଠାରୁ ବଡ଼ ଏବଂ ସୁନ୍ଦର ମୁଖ୍ୟ ମନ୍ଦିରରେ ଭଗବାନ ଶିବ ପୂଜା ପାଇଥାନ୍ତି । ପର୍ତ୍ତୁଗୀଜମାନେ ଦୁଇ ଦୁଇଥର ଏହି ମନ୍ଦିର ଉପରେ ଆକ୍ରମଣ କରି କ୍ଷତି କରିବାକୁ ଚେଷ୍ଟା କରିଥିଲେ ।

କଟାସରାଜ ମନ୍ଦିର (ଚକୱାଲ, ପାକିସ୍ତାନ)

ପଞ୍ଜାବ ନିକଟବର୍ତ୍ତୀ ଏହି ସ୍ଥାନଟି ଏବେ କପାକିସ୍ତାନର ଅନ୍ତର୍ଭୁକ୍ତ । ଚକୱାଲଠାରୁ ୪୦କିଲୋମିଟର ଦୂରରେ କଟାସନାମକ ଏକ ପାହଡ଼ ଉପରେ ଏହି ମନ୍ଦିର ରହିଛି । କୁହାଯାଏ, ଏହା ମହାଭାରତ କାଳରେ ବି ରହିଥିଲା । ପାଣ୍ଡବଙ୍କ ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଏହି ମନ୍ଦିର କଥା ରହିଥିବା ଦେଖାଯାଏ ଅଜ୍ଞାତବାସ ବେଳେ ପାଣ୍ଡମାନେ ଏଠାରେ ଆଶ୍ରୟ ନେଇଥିବାର କିମ୍ବଦନ୍ତୀ ରହିଛି । କଟାସରାଜ ମନ୍ଦିରରେ ଥିବା କଟାକ୍ଷ କୁର୍ଡ ଭଗବାନ ମହାଦେବଙ୍କ ଅଶ୍ରୁରୁ ସୃଷ୍ଟି ହୋଇବା ପୁରାଣ ବର୍ଣ୍ଣିତ । ଦେବୀ ସତୀ ଦେହ ତ୍ୟାଗ କରିବା ପରେ ମହାଦେବ ଦୁଖରେ ଏତେ କାନ୍ଦିଥିଲେ ଯେ ତାଙ୍କର ଦୁଇ ଆଖିରୁ ବାହାରିଥିବା ଲୁହରେ ଦୁଇଟି କୁଣ୍ଡ ସୃଷ୍ଟି ହୋଇଥିବାର କୁହାଯାଏ । ଗୋଟିଏ ଏଠାରେ କଟାସରାଜ ମନ୍ଦିରରେ ଥିବା ବେଳେ ଅନ୍ୟଟି ରାଜସ୍ଥାନର ପୁଷ୍କରରେ ରହିଛି । କଟାସରାଜ ମନ୍ଦିରରେ ସାତଟି ମନ୍ଦିର ସମ୍ମିଳିତ ଥିବାବେଳେ ମୁଖ୍ୟ ମନ୍ଦିରଟି ଭଗବାନ ମହାଦେବଙ୍କ ଉଦ୍ଦେଶ୍ୟରେ ରହିଛି ।

ଘରେ ପ୍ରସ୍ତୁତ କରନ୍ତୁ ଚିକେନ ହଙ୍କକଙ୍ଗ୍

ଆବଶ୍ୟକ ସାମଗ୍ରୀ: ବୋନଲେସ୍ ଚିକେନ, ଚିକେନ ଷ୍ଟକ, ଲୁଣ, ଗୋଳମରିଚ ଗୁଣ୍ଡ, କର୍ଣ୍ଣଫ୍ଲୋର, ରିଫାଇନ , ସ୍ପ୍ରିଙ୍ଗ ଓନିଅନ, ଶୁଖିଲା ଲଙ୍କା, ରେଡ ଚିଲି ସସ୍, ସୋୟା ସସ୍, ପିଆଜ, ଭିନେଗାର, ଅଣ୍ଡା ।

ପ୍ରସ୍ତୁତି ପ୍ରଣାଳୀ: ଏକ ପାତ୍ରରେ ବୋନଲେନସ ଚିକେନ ନେଇ ସେଥିରେ ଲୁଣ, ଗୋଳମରିଚ ଗୁଣ୍ଡ, କର୍ଣ୍ଣଫ୍ଲୋର, ଏକ ଅଣ୍ଡାର ଧଳା ଅଂଶ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ଅଧ ଘଣ୍ଟା ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଏହାପରେ ଏକ କରେଇରେ ତେଲ ଗରମ କରି ଏହାକୁ ଫ୍ରାଏ କରନ୍ତୁ। ସେଥିରେ ସ୍ପ୍ରିଙ୍ଗ ଓନିଅନ, ଶୁଖିଲା ଲଙ୍କା ପକାନ୍ତୁ । ଏହାପରେ ସେଥିରେ ଚିଲି ସସ୍, ସୋୟା ସସ୍, ପିଆଜ, ଫ୍ରାଏଡ ଚିକେନ, ଲୁଣ, ଗୋଲମରିଚ ଗୁଣ୍ଡ, ଭିନେଗାର ପକାଇ ଭଲ ଭାବେ ଗୋଳାନ୍ତୁ । କର୍ଣ୍ଣଫ୍ଲୋରରେ କିଛି ପାଣି ମିଶାଇ ଏହାକୁ ଚିକେନରେ ପକାନ୍ତୁ। ଏହାପରେ ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ ହଙ୍କକଙ୍ଗ । ଏହାକୁ ଭାତ କିମ୍ବା ରୁଟି ସହିତ ଖାଆନ୍ତୁ।

ଘରେ ପ୍ରସ୍ତୁତ କରନ୍ତୁ ଚୁଡ଼ା ଚକୁଳି

ଆବଶ୍ୟକ ସାମଗ୍ରୀ: ଅରୁଆ ଚାଉଳ, ଚୁଡ଼ା, ତେଲ, ପାଣି, ଲୁଣ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅରୁଆ ଚାଉଳକୁ ଏକ ପାତ୍ରରେ ୩ରୁ ୪ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ଏହାସହ ଚୁଡ଼ାକୁ ମଧ୍ୟ ଅଧ ଘଣ୍ଟା ପର୍ଯ୍ୟନ୍ତ ଏକ ପାତ୍ରରେ ଭିଜାଇ ରଖନ୍ତୁ। ପରେ ଚୁଡ଼ା ଓ ଚାଉଳକୁ ମିଶାଇ ଗ୍ରାଇଣ୍ଡିଂ କରି ଏକ ପାତ୍ରରେ ରଖନ୍ତୁ। ଏହି ଆଣରେ ଅଳ୍ପ ପାଣି ଓ ଲୁଣ ମିଶାଇ ଗୋଳାଇ ଦିଅନ୍ତୁ। ପରେ ତାୱା ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ଏହି ଆଣକୁ ପକାଇ ଚକୁଳି ଆକାରରେ ଗଢ଼ନ୍ତୁ। ଚକୁଳିର ଦୁଇ ପାଖ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚୁଡ଼ା ଚକୁଳି।

କାକଟପୁରର ମା' ମଙ୍ଗଳାଙ୍କ ଦୈନନ୍ଦିନ ନୀତିରେ ମହାପ୍ରସାଦ

ମା' ମଙ୍ଗଳାଙ୍କ ଚଇତି ମଙ୍ଗଳବାରକୁ ନେଇ ଯେଉଁ ଓଷାକଥା ଓଡ଼ିଆରେ ମିଳେ, ସେଥିରେ କୁହାଯାଇଛି, ସ୍ୱର୍ଗରେ ନିତେଇ ଧୋବଣୀ ଓ ମର୍ତ୍ତ୍ୟରେ ଚଇତି ହାଡ଼ିଆଣୀ ଏ ଓଷା କରନ୍ତି। ଘରକୁ ଲିପିପୋଛି, ଚାନ୍ଦୁଆ ବାନ୍ଧି, ଘିଅଦୀପ ଦେଇ, ଆଠଖିଅ ସୂତାରେ ଆଠ ଗଣ୍ଠି ପକାଇ, ଚଇତି ସେହି ପୂଜା କରୁଥିଲା। ଓଷାବିଧି ମୁତାବକ ଆଠଟି ଗୁଆ, ଆଠକେରା ଦୁବ, ଆଠଗୋଟି ଚାଉଳ ଏବଂ ଆଠବର୍ଣ୍ଣି ଫୁଲ ଓ ଆଠବର୍ଣ୍ଣ ଫଳ ବି ପୂଜାରେ ଲାଗୁଥିଲା। ଏପରିକି ଚକୁଳିପିଠା, ମୁଆଁ, ଶାକର, ଆଠବର୍ଣ୍ଣ ଖଜା ଏବଂ ଗୋଟି ଅଟକାଳି ବି ଭୋଗ ଦେଉଥିଲା। କିନ୍ତୁ ତା'ର ପୂଜା ସଂପୂର୍ଣ୍ଣ ସାତ୍ତ୍ୱିକ ନଥିଲା। କାରଣ, ସେହି ପୂଜାରେ ସେ ଗଞ୍ଜେଇପଣା, କୁକୁଡ଼ାଡିମ୍ବ, ମଦ, ଶେଉଳମାଛ, ଶୁଖୁଆ ପୋଡ଼ା ଓ ଛେଳି ବି ଭୋଗ ଲଗାଉଥିଲା। ସେ ରାଇଜର ରାଣୀ ଚଇତିଠାରୁ ବୁଝି ସର୍ବମଙ୍ଗଳାଙ୍କର ଓଷା ପୂଜା କଲେ। ସେତେବେଳେ ଲୋକେ ଯାଇ ରାଜାଙ୍କୁ କହିଲେ- ପାଟମହାଦେଈ ଚଇତି ହାଡ଼ିଆଣୀକୁ ଡାକିଆଣି ମଦ, ମାଛ, ଶୁଖୁଆ ପୋଡ଼ା ଓ କୁକୁଡ଼ାଡିମ୍ବ ଆଦି ଦେଇ ଓଷା ପୂଜୁଛନ୍ତି। ତାହା ଶୁଣି ରାଜା କହିଲେ- ଏହା ମହାପାପ। କିନ୍ତୁ ରାଜା ଆସି ଦେଖିଲାବେଳକୁ ମଦ ନବାତପଣା ଓ କୁକୁଡ଼ାଡିମ୍ବ କୋରା ମହାପ୍ରସାଦ ହୋଇଯାଇଥିଲା। ଫଳରେ ରାଜା ଚଇତି ହାଡ଼ିଆଣୀକୁ ସମ୍ମାନ ଦେଇ, ତା' ମୁଣ୍ଡରେ ଶାଢ଼ି ବାନ୍ଧିଥିଲେ। ଏଣୁ ଏହି ଓଷାକଥା ସୂଚାଏ, ଯେ ମା' ମଙ୍ଗଳା ପ୍ରଥମେ ସମାଜର ନିମ୍ନବର୍ଗଙ୍କ ଦ୍ୱାରା ଉପାସିତ ହେଉଥିଲେ। ତାଙ୍କ ପୂଜାରେ ତାନ୍ତ୍ରିକ ବିଧି ପ୍ରଚଳିତ ଥିଲା। ପରେ ଉଚ୍ଚବର୍ଣ୍ଣର ଲୋକେ ତାଙ୍କର ପୂଜା କଲେ। ଫଳରେ ଏହି ଦେବୀ ବୈଷ୍ଣବୀ ହେଲେ। ମା' ବିମଳାଙ୍କ ପରି ସେ ହେଲେ କୈବଲ୍ୟ ଲୋଲୁପିନୀ। କାକଟପୁରର ମା' ମଙ୍ଗଳାଙ୍କ ଦୈନନ୍ଦିନ ନୀତିରୁ ଏହାର ପ୍ରମାଣ ମିଳେ। ତାଙ୍କର ପ୍ରତିଦିନର ପ୍ରାତଃନୀତି ଶେଷରେ ତାଙ୍କୁ ଶୁଖିଲି ମହାପ୍ରସାଦ ଅର୍ପଣ କରାଯାଏ। ସେହିପରି, ପ୍ରତିମାସର କୃଷ୍ଣ ଓ ଶୁକ୍ଳ ଏକାଦଶୀରେ ମଧ୍ୟ ମା'ଙ୍କୁ ଅନ୍ନ ମହାପ୍ରସାଦ ସମର୍ପିତ ହୋଇଥାଏ।

ଶହୀଦ୍ ରଘୁ-ଦିବାକରଙ୍କ ଆତ୍ମବଳିଦାନ ଅତୁଳନୀୟ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱନେଇ ଶହୀଦ୍ ହୋଇଥିବା ନୟାଗଡ଼ ମାଟିର ବୀର କବି, ବିପ୍ଳବୀ ଶହୀଦ୍ ରଘୁ-ଦିବାକରଙ୍କର ୮୨ତମ ବଳିଦାନ ଦିବସ ସ୍ଥାନୀୟ ୟୁନିଟ୍-୯ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ରଘୁ-ଦିବାକର ସ୍ମୃତି ସଂସଦ ପକ୍ଷରୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଅଧକ୍ଷ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତି ଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ଶହୀଦ୍ ରଘୁ-ଦିବାକରଙ୍କର ମା' ମାଟି ଓ ମାତୃଭାଷା ପାଇଁ ଅବଦାନ ଅତୁଳନୀୟ। ତତ୍କାଳୀନ ଅତ୍ୟାଚାରୀ ରାଜାଙ୍କ କବଳରୁ ସାଧାରଣ ପ୍ରଜାଙ୍କୁ ମୁକ୍ତି ଦେବାରେ ତାଙ୍କର ବଳିଦାନ ଆଜି ବି ଚିରସ୍ମରଣୀୟ ହୋଇରହିଛି। ସ୍ମୃତି ସଂସଦର ସାଧାରଣ ସଂପାଦକ ବ୍ରଜବନ୍ଧୁ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସରକାରଙ୍କ ସଂସ୍କୃତି ଅନୁସଚିବ ଲକ୍ଷ୍ମୀଧର ବେହେରା, ପ୍ରବୀର ମହାନ୍ତି, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳସିଂ, ସୁରେନ୍ଦ୍ର ସାହୁ ଯୋଗଦେଇ ଶହୀଦ୍‌ଙ୍କ ସ୍ମୃତିଚାରଣ କରିବା ସହିତ ଆଜିର ଯୁବପୀଢ଼ୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ସାରସ୍ୱତ ପ୍ରତିଭାଧାରୀ ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରାଧାପିକା ବୀଣା ମିଶ୍ର, ଶିକ୍ଷୟିତ୍ରୀ ସୁକାନ୍ତି ପଣ୍ଡା, ଗବେଷକ ଲବଣେଶ୍ୱର ବାରିକ, ସମାଜସେବୀ ନିରଞ୍ଜନ ପରିଡ଼ା, ଦିନେଶ କୁମାର ସ୍ୱାଇଁ, ଲେଖିକା ମନିଷା ରାୟ ଏବଂ 'ବୋଉ'ର ସଂପାଦକ ସଂଜୟ କୁମାର ଚୌଧୁରୀଙ୍କୁ ଶହୀଦ୍ ରଘୁ-ଦିବାକର ସ୍ମୃତି ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ସଂଯୋଜନା କରିଥିବାବେଳେ ପ୍ରମୁଖ ସହଯୋଗ କରିଥିଲେ ସତ୍ୟବ୍ରତ, ନାରାୟଣ ଖୁଣ୍ଟିଆ ଓ ସରୋଜ ପଟ୍ଟନାୟକ।

ସୈନିକ ସ୍କୁଲ ପରିସରରେ ସହିଦ କ୍ୟାପ୍ଟେନ୍ ଆଶୁତୋଷ କୁମାରଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଭୁବନେଶ୍ୱର ସୈନିକ ସ୍କୁଲ ପରିସରରେ ମରଣୋତର ସୂର୍ଯ୍ୟଚକ୍ରରେ ସମ୍ମାନିତ ସହିଦ କ୍ୟାପ୍ଟେନ୍ ଆଶୁତୋଷ କୁମାରଙ୍କର ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ସୈନିକସ୍କୁଲ ଅଧ୍ୟକ୍ଷ କ୍ୟାପ୍ଟେନ୍ ଏସ୍.ଡୋମିନିକ୍ ରାୟନ ସହିଦ ଆଶୁତୋଷଙ୍କ ପିତା ରବୀନ୍ଦ୍ର ଭାରତୀ , ମା ଶ୍ରୀମତୀ ଗୀତା ଦେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବିହାର ମାଧେପୁର ଜିଲ୍ଲା ପରମାନପୁର ଗ୍ରାମରେ କ୍ୟାପ୍ଟେନ୍ ଆଶୁତୋଷକୁମାର ୧୫ ଅକ୍ଟୋବର ୧୯୯୬ ମସିହାରେ ଜନ୍ମଲାଭ କରିଥିଲେ । ସେ ଜାତୀୟ ପ୍ରତିରକ୍ଷା ବାହିନୀ (ଏନ୍.ଡି.ଏ)ରେ ଟ୍ରେନିଙ୍ଗ୍ ଶେଷ କରି ଡେରାଡୁନ୍ ସ୍ଥିତ ଭାରତୀୟ ମିଲିଟାରୀ ଏକାଡେମୀ(ଆଇ.ଏମ୍.ଏ)ରେ ଶିକ୍ଷା ସମାପ୍ତ କରିଥିଲେ । ଜୁନ୍ ୨୦୧୮ ରେ ଜଣେ କମିସନ୍ଡ ଅଫିସର ଭାବରେ ଲେଫ୍ଟନାଂଟ ପଦବୀରେ ୧୮ ମାଡ୍ରାସ୍ ରେଜିମେଂଟରେ ଯୋଗ ଦେଇଥିଲେ । ନଭେମ୍ବର ୨୦୨୦ ରେ , ୧୮ ମାଡ୍ରାସ୍ ରେଜିମେଂଟ କୁପ୍ୱାରା ଜିଲ୍ଲାରେ ସୁରକ୍ଷା ଦାୟିତ୍ୱରେ ନିଯୁକ୍ତ ହୋଇଥିଲେ । ୮ ନଭେମ୍ବର ୨୦୨୦ରେ କ୍ୟାପ୍ଟେନ୍ ଆଶୁତୋଷ କୁମାରଙ୍କ ୟୁନିଟ୍ ଅନୁପ୍ରବେଶ ସୁରକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ । ଗୁଳି ବିନିମୟ ସମୟରେ ତାଙ୍କଦ୍ୱାରା ତିନିଜଣ ଶତ୍ରୁସୈନ୍ୟ ନିହତ ହୋଇଥିଲେ । କିନ୍ତୁ ଦୁର୍ଭାଗ୍ୟ ବଶତଃ ଶତ୍ରୁ ସେନାର ଗୁଳିରେ ଆଶୁତୋଷଙ୍କ ସମେତ ତାଙ୍କର ଅନ୍ୟ ଚାରିଜଣ ସହଯୋଗୀ ଯବାନ ଗୁରୁତର ଭାବେ ଆହତ ହୋଇଥିଲେ । ପରବର୍ତ୍ତୀ ସମୟରେ କ୍ୟାପ୍ଟେନ ଆଶୁତୋଶ , ହାବିଲଦାର ପ୍ରବୀଣ କୁମାର ଏବଂ ରାଇଫଲ୍ ମ୍ୟାନ୍ ର୍ୟାଡା ମାହେଶ୍ୱର ସହିଦ ହୋଇଥିଲେ ।

ତାଙ୍କର ଜୀବନ ଲିପି ସୈନିକସ୍କୁଲ ଭୁବନେଶ୍ୱରର କ୍ୟାଡେଟ୍ ମାନଙ୍କ ପାଇଁ ଜଣେ ଦେଶପ୍ରେମୀ ସହିଦର ଜ୍ୱଳନ୍ତ ଉଦାହରଣ ହୋଇ ରହିଛି । ସୈନିକସ୍କୁଲ ଭୁବନେଶ୍ୱର ପ୍ରାଧିକାରୀ ନୂତନ କରି ପ୍ରତିଷ୍ଠା କରାଯାଇଥିବା ସୈନିକସ୍କୁଲ ଟ୍ରେନିଙ୍ଗ୍ ଜୋନ୍‌କୁ ତାଙ୍କ ସମ୍ମାନାର୍ଥେ 'ଆଶୁତୋଶ ଦ୍ୱାର ଏସ୍.ଏସ୍.ବି. ଟ୍ରେନିଙ୍ଗ୍ ଜୋନ୍' ନାମରେ ନାମିତ କରିଛନ୍ତି । ସ୍କୁଲର ସହିଦ ସ୍ମୃତିସ୍ତମ୍ଭ(ଅମର ଯଓାନ)ର ପଥର ଉପରେ ତାଙ୍କର ନାମ ଖୋଦିତ ହୋଇଛି ।

ମଧ୍ୟଭାରତ ଏରିଆ ହେଡ୍ କ୍ୱାର୍ଟରସ୍ , ଛତିଶଗଡ ହେଡ୍ କ୍ୱାର୍ଟରସ୍ ଏବଂ ଓଡିଶା ଭୁବନେଶ୍ୱର ସବ୍ ଏରିଆ ହେଡ୍ କ୍ୱାର୍ଟରସ୍ ଆର୍ଥିକ ସହାୟତାରେ ସ୍କୁଲ କ୍ୟାପ୍ଟେନ୍ ଆଶୁତୋଶଙ୍କର ଏକ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ନିର୍ମାଣ କରିଛି । ଏହି ବୀର ଯବାନଙ୍କର ମୃତ୍ୟୁବାର୍ଷିକୀରେ ଏନ୍.ଡି.ଏ. ମୋଟିଭେସନାଲ ସେଲକୁ ତାଙ୍କ ନାମରେ ନାମିତ କରାଯାଇଛି । ଏହି ଉତ୍ସବରେ ସୈନିକସ୍କୁଲର ପୁରାତନ ଛାତ୍ର ସଂସଦର ବହୁ ପ୍ରତିନିଧି , ବିଦ୍ୟାଳୟର କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ''ଭାରତ ମାତା କୀ ଜୟ'' , ''କ୍ୟାପ୍ଟେନ୍ ଅଶୁତୋଷ କୁମାର ଅମର ରହେ '' ଧ୍ୱନିରେ ସୈନିକସ୍କୁଲ ପରିସର ପ୍ରକମ୍ପିତ ହୋଇ ଉଠିଥିଲା ।

ଶ୍ରୀମନ୍ଦିର ରୋଷ ଘର ବିଶୃଙ୍ଖଳାକୁ ବିଜୟ ମହାପାତ୍ରଙ୍କ ସମାଲୋଚନା

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଶ୍ରୀମନ୍ଦିର ରୋଷ ଘର ବିଶୃଙ୍ଖଳାକୁ ତୀବ୍ର ସମାଲୋଚନା କରିଛନ୍ତି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର । ଏଥିପାଇଁ ସେ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଦାୟୀ କରିଛନ୍ତି। ସେ କହିଛନ୍ତି, ମନ୍ଦିର ଓ ଜିଲ୍ଲା ପ୍ରଶାସନ ୩ ଦିନ ଆଗରୁ ରୋଷ ଘରେ ବିଭ୍ରାଟ କଥା ଜାଣିଥିଲା। ତା'ସତ୍ତ୍ୱେ ଏଭଳି ଘଟଣା ଘଟିଲା। ତାଙ୍କ ଉପରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

ସେହିପରି ଶ୍ରୀମନ୍ଦିର ସୁରକ୍ଷା ନେଇ ଗତ ୨୦୧୯ ନଭେମ୍ବର ୪ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ରାଜ୍ୟ ସରକାର ଚାରିଟି କ୍ଷେତ୍ରରେ ଅବମାନନା କରୁଛନ୍ତି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ସତ୍ତ୍ୱେ ସ୍ଥାୟୀ ପ୍ରଶାସକ ନିଯୁକ୍ତ ହୋଇନାହାନ୍ତି। ଚତୁଃପାର୍ଶ୍ୱରେ ବିକାଶ ପାଇଁ ସେହି କାମ କରି ହେବ ଯେଉଁଥିରେ କୌଣସି ଆପତି ନଥିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ଟେମ୍ପଲ ଫଣ୍ଡର ଅଡିଟ ସିଏଜିଙ୍କ ଦ୍ୱାରା ହେଉନାହିଁ। ତେଣୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଛନ୍ତି ରାଜ୍ୟ ସରକାର। ଆର୍ଥିକ ସ୍ୱାର୍ଥ ଏବଂ ମନ୍ଦ ଉଦ୍ଦେଶ୍ୟ ରଖି ବଡ଼ବାବୁମାନେ ଏଭଳି କାମ କରୁଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମୁଖ୍ୟମନ୍ତ୍ରୀ ଅନୁଧ୍ୟାନ କରିନାହାନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ସମୀକ୍ଷା ବୈଠକ କରନ୍ତୁ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ସମ୍ପର୍କରେ ବିଜୟ ମହାପାତ୍ର କହିଛନ୍ତି, ସଂସଦରେ ଏହି ପ୍ରସଙ୍ଗ ଉଠିବା ପରେ ମଧ୍ୟ ଏଏସଆଇ ଓ ଏନଏମଏ ଚୁପ ରହିଛନ୍ତି। ଏଥିରୁ ତାଙ୍କର ଅବହେଳା ଜଣାପଡୁଛି । ଏଏସଆଇ କୌଣସି ଏକ୍ସପର୍ଟ ଟିମ୍ ନପଠାଇ ଭୁଲ କରୁଛନ୍ତି। ଗାତ ଖୋଳିବା ସ୍ଥାନରେ ବର୍ତ୍ତମାନ ଟ୍ରକ ଟ୍ରକ ବାଲି ଭର୍ତ୍ତି କରାଯାଉଛି। ଯେହେତୁ ବେଆଇନ କାମ ହୋଇଥିଲା, ତେଣୁ ବାଲି ଭର୍ତ୍ତି କରାଯାଉଛି। ଏଏସଆଇ ଓ ଏନଏମଏ ଟିମ ତୁରନ୍ତ ପଠାନ୍ତୁ। ସେହିପରି ଜିଲ୍ଲାପାଳଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ଦେବା ବେଆଇନ। ଆରଡିସିସ୍ତରର ଅଫିସର ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ରହିବା କଥା ବୋଲି ବିଜୟ ମହାପାତ୍ର କହିଛନ୍ତି।

ଅଣ୍ଡାର ଦର ବୃଦ୍ଧି ଦାବିରେ ଧାରଣା

ଭୁବନେଶ୍ୱର,୦୫/୦୪ (ନି.ପ୍ର): କୁକୁଡ଼ା ଅଣ୍ଡାର ସର୍ବନିମ୍ନ ମୂଲ୍ୟ ବୃଦ୍ଧି ଦାବି ଏବଂ ଏନଇସିସିର ମନମାନି ବିରୋଧରେ ୬ଦଫା ଦାବି ନେଇ ଅଲ ଓଡ଼ିଶା ଲେୟର ଫାର୍ମସ ଆସୋସିଏସନ ପକ୍ଷରୁ ଧାରଣା ଦିଆଯାଇଛି । ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଗଙ୍ଗପଡ଼ା ସ୍ଥିତ ପୁରୁଣା ଟୋଲ ଗେଟ୍ ନିକଟରେ ଲେୟର ଚାଷୀ ମାନେ ଧାରଣା ଦେଇଛନ୍ତି । ଏହାସହ ରାଜ୍ୟ ବାହାରୁ ଆସୁଥିବା ଅଣ୍ଡା ଟ୍ରକ୍ ଅଟକାଇଛନ୍ତି ଆନ୍ଦୋଳନକାରୀ । ଯେ ପର୍ଯ୍ୟନ୍ତ ଜାତୀୟ ଅଣ୍ଡା ସମନ୍ୱୟ କମିଟି ଚାଷୀଙ୍କ ଦାବି ପୂରଣ ନକରିଛି, ସେପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ଚାଷୀ । ଅଣ୍ଡା ଉତ୍ପାଦନରେ ଓଡ଼ିଶା ସ୍ୱାବଲମ୍ବୀ ହୋଇଛି। ରାଜ୍ୟରେ ଦିନକୁ ପ୍ରାୟ ୯୨ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି। ୨୦୦ ଚାଷୀ ନିଜ ଫାର୍ମରେ ୫୦ହଜାର ପ୍ରତ୍ୟକ୍ଷ ଓ ୨ଲକ୍ଷ ପରୋକ୍ଷ ନିଯୁକ୍ତି ଦେଇଛନ୍ତି। ହେଲେ ଦେଶରେ ଅଣ୍ଡାର ଦର ସ୍ଥିର କରୁଥିବା ଏନ୍‌ଇସିସିର ମନମାନି ଓ ପକ୍ଷପାତିତା ଯୋଗୁ ରାଜ୍ୟର ଲେୟର ଚାଷୀ ସଙ୍କଟରେ ପଡ଼ିଛନ୍ତି। ଅଣ୍ଡା ଉତ୍ପାଦନ ଖର୍ଚ୍ଚଠାରୁ କମ ଦରରେ ଅଣ୍ଡା ବିକ୍ରି ହେଉଛି । ଗୋଟିଏ ଅଣ୍ଡାର ଉତ୍ପାଦନ ଖର୍ଚ୍ଚପ୍ରାୟ ୪ଟଙ୍କା ୭୦ ପଇସା ପଡୁଥିବା ବେଳେ ଚାଷୀଙ୍କଠାରୁ ବ୍ୟବସାୟୀ ଅଣ୍ଡା କିଣିବାର ଦର ହେଉଛି ମାତ୍ର ୩ ଟଙ୍କା ୭୦ ପଇସା । ସେପଟେ ଖାଉଟିଙ୍କୁ ବ୍ୟବସାୟୀ ସାଢ଼େ ୬ଟଙ୍କାରୁ ୭ଟଙ୍କାରେ ବିକୁଛନ୍ତି । ଉତ୍ପାଦନ ଖର୍ଚ୍ଚଠାରୁକମ୍‌ଦରରେ ଅଣ୍ଡା ବିକୁଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ବ୍ୟାଙ୍କରୁ ଋଣ ନେଇ ଅନେକ ଚାଷୀ ଶୁଝିନପାରି ନାହାନ୍ତି। ବଡ଼ବଡ଼ ବ୍ୟବସାୟୀଙ୍କ ସହ ସଲାସୁତୁରା କରି ଅଣ୍ଡା ଦର ନିୟନ୍ତ୍ରଣ କରୁଥିବା ଏନଇସିସି ବିରୋଧରେ ପ୍ରତିବାଦର ସ୍ୱର ଉଠିଛି ।

ପୁରୀର ବିଭିନ୍ନ ଅଂଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଂଜୟ କୁମାର ଦାସବର୍ମାଙ୍କ ଅଧକ୍ଷତାରେ ଭୁବନେଶ୍ୱରସ୍ଥିତ ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ପୁରୀ ସଦର, ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦ ବ୍ଲକ୍ ଅଂଚଳରେ ଜଳସଂପଦ ବିଭାଗ ସଂପର୍କିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରୀ ଦାସବର୍ମା ଅଧିକାରୀମାନଙ୍କୁ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଉଚ୍ଚସ୍ତରୀୟ ବୈଠକରେ ପୁରୀ ସଦର ବ୍ଲକ୍ ଭାର୍ଗବୀ ନଦୀ ଉପରେ ନିର୍ମାଣାଧୀନ ମାଳିସାହି ବ୍ରିଜ୍ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ପାଇଁ ୫ କୋଟି ୪୦ ଲକ୍ଷ ଟଙ୍କା, ବ୍ରହ୍ମଗିରି ବ୍ଲକ୍ ନରସିଂହପାଟଣା, ଜଗନ୍ନାଥପାଟଣା, ବଳଭଦ୍ରପାଟଣା, ବରୁଡ଼ି ଓ ଆମ୍ବପଡ଼ା ଅଂଚଳର କୃଷକମାନଙ୍କର ଦୀର୍ଘଦିନର ଦାବି ଥିବା ସୁନାମୁଖୀ ନଦୀର ବାଲି ହରଚଣ୍ଡୀଠାରେ ନଦୀଜଳ ନିୟନ୍ତ୍ରଣ ବ୍ୟବସ୍ଥା ନିର୍ମାଣ ପାଇଁ ୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି । ବୈଷୟିକ କମିଟି ଦ୍ୱାରା କୃଷ୍ଣପ୍ରସାଦ ବ୍ଲକ୍ ର ପିରିଜିପୁର ଏବଂ ମାଣିକା ପଂଚାୟତରେ ସମୁଦ୍ର କୁଆରକୁ ରୋକିବା ଉଦ୍ଦେଶ୍ୟରେ ନଡ଼ିଆଖିଆ ଲୁଣାବନ୍ଧର ସୁରକ୍ଷା ପ୍ରାଚୀର ସୁଦୃଢ଼ୀକରଣ ପାଇଁ ୧୧ କୋଟି ୯୨ ଲକ୍ଷ ଟଙ୍କା ଏବଂ ଅରଖକୁଦା ଲୁଣାବନ୍ଧର ସୁଦୃଢ଼ୀକରଣ ଓ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ୨୭ କୋଟି ୭୩ ଲକ୍ଷ ଟଙ୍କା ଉକ୍ତ ବୈଠକରେ ମଂଜୁର କରାଯାଇଛି । ଯଥାଶୀଘ୍ର ଏହି କାର୍ଯ୍ୟଗୁଡ଼ିକ ଆରମ୍ଭ କରିବା ନିମନ୍ତେ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ସମୀକ୍ଷା ବୈଠକରେ ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ବିଜୟ କୁମାର ମିଶ୍ର, ମୁଖ୍ୟଯନ୍ତ୍ରୀ ଇଂ ଭକ୍ତରଞ୍ଜନ ମହାନ୍ତି, ମୁଖ୍ୟଯନ୍ତ୍ରୀ (ଡ୍ରେନେଜ୍) ଇଂ. ବାଲେଶ୍ୱର ନାଥ ସାହୁ, ଓସିସିଏଲ୍ ର ପରିଚାଳନା ନିର୍ଦ୍ଦେଶକ ବିଭୂତିଭୂଷଣ ଦାସ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ, କେନ୍ଦ୍ରୀୟ ଜଳସେଚନ ସର୍କଲ ଇଂ. ବିଘ୍ନରାଜ ପୁରୋହିତ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଡ୍ରେନେଜ୍ ସର୍କଲ, ଭୁବନେଶ୍ୱର ଇଂ. ସନ୍ତୋଷ କୁମାର ସ୍ୱାଇଁ, ଅଧୀକ୍ଷଣ ଯନ୍ତ୍ରୀ, ପୁରୀ ଜଳସେଚନ ଡିଭିଜନ୍ ଇଂ. ପ୍ରଶାନ୍ତ କୁମାର ଦାସ, ଅଧୀକ୍ଷଣ ଯନ୍ତ୍ରୀ, ଡ୍ରେନେଜ୍ ଡିଭିଜନ୍, ପୁରୀ ଇଂ. ଆଶିଷ ମିଶ୍ର, ବରିଷ୍ଠ ରାଜନେତା ତଥା ସମାଜସେବୀ ଶକେଦାରନାଥ ଜେନା, ଯୋଜନା ଓ ସଂଯୋଜନ ବିଭାଗର ଉପଶାସନ ସଚିବ ଅଭୟ କୁମାର ମହାନ୍ତି, ଜଳସଂପଦ ବିଭାଗର ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଓଡ଼ିଶାରେ ଶ୍ରୀଲଙ୍କା ଆର୍ଥିକ ସଙ୍କଟର ପ୍ରଭାବ : ବିପଦରେ କେନ୍ଦୁପତ୍ର ବ୍ୟବସାୟ, ଅନିଶ୍ଚିତତାରେ ୧୨ଲକ୍ଷ ତୋଳାଳି

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଓଡ଼ିଶାରେ ପଡ଼ିଛି ଶ୍ରୀଲଙ୍କା ଆର୍ଥିକ ସଙ୍କଟର ପ୍ରଭାବ। ଜିଏସ୍‌ଟି ମାଡ଼ ସହୁଥିବା ଓଡ଼ିଶା କେନ୍ଦୁପତ୍ର ଶ୍ରୀଲଙ୍କା ସଙ୍କଟ ଯୋଗୁଁ କ୍ଷତିଗ୍ରସ୍ତ ହେବ ବୋଲି କହିଛି ଓଏଫ୍ ?ଡିସି। ଓଡ଼ିଶା କେନ୍ଦୁପତ୍ର ନିଜର ଉତ୍ପାଦନର ୯୦ ପ୍ରତିଶତରୁ ଊର୍ଧ୍ୱ ବାହାର ରାଜ୍ୟ ସମେତ ଶ୍ରୀଲଙ୍କା, ବାଂଲାଦେଶ ଏବଂ ପାକିସ୍ତାନକୁ ରପ୍ତାନି କରାଯାଏ। ୨ ବର୍ଷ ହେଲା ପାକିସ୍ତାନ ଏବଂ ବାଂଲାଦେଶକୁ ରପ୍ତାନି ବନ୍ଦ ରହିଛି। ଆର୍ଥିକ ସଙ୍କଟ ଯୋଗୁଁ ଶ୍ରୀଲଙ୍କାକୁ କେନ୍ଦୁପତ୍ର ରପ୍ତାନି ନେଇ ଅନିଶ୍ଚିତତା ରହିଛି। ଓଏଫ୍‌ଡିସି ସିଧାସଳଖ ଶ୍ରୀଲଙ୍କାକୁ କେନ୍ଦୁପତ୍ର ରପ୍ତାନି କରୁନଥିବାରୁ ବର୍ତ୍ତମାନ ଏହାର ପ୍ରଭାବ ଦେଖିବାକୁ ମିଳିନାହିଁ। ଆଗାମୀ ଦିନରେ ଏହା ଦେଖିବାକୁ ମିଳିବ। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର କହିବାନୁସାରେ, ଶ୍ରୀଲଙ୍କା ସଙ୍କଟର ପ୍ରଭାବ ଜାନୁଆରି ମାସରୁ ଓଡ଼ିଶା କେନ୍ଦୁପତ୍ର ବ୍ୟବସାୟ ଉପରେ ପଡ଼ି ସାରିଛି। ଏହାର ଆର୍ଥିକ ମୂଲ୍ୟାୟନ ହ୍ରାସ ପାଇଛି। ଏଥିଯୋଗୁଁ ୧୨ ଲକ୍ଷରୁ ଊର୍ଧ୍ୱ କେନ୍ଦୁପତ୍ର ତୋଳାଳି କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ଓଏଫ୍‌ଡିସିରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୧ ମସିହାରେ ଓଡ଼ିଶା ୧ଲକ୍ଷ ୯୩ ହଜାର ୬୦୦ କ୍ୱିଣ୍ଟାଲର କେନ୍ଦୁପତ୍ର ପାଇଁ ୫୨୭ କୋଟି ୫୦ ଲକ୍ଷ ୩୧ ହଜାର ଟଙ୍କା, ୨୦୨୦ ମସିହାରେ ୧ ଲକ୍ଷ ୮୬ ହଜାର ୫୦୦ କ୍ୱିଣ୍ଟାଲର କେନ୍ଦୁପତ୍ର ପାଇଁ ୪୦୮ କୋଟି ୭୨ ଲକ୍ଷ ୧୧ ହଜାର ଟଙ୍କାର ରାଜସ୍ୱ ପାଇଛନ୍ତି। ୨୦୨୧ ମସିହାର ଆହୁରି ୬୫ କୋଟି ଟଙ୍କା ଓଏଫଡିସିକୁ ମିଳିବ। ରାଜ୍ୟର ସମୁଦାୟ ୨୫ଟି ଜିଲ୍ଲାର ପ୍ରାୟ ୧୨ ଲକ୍ଷ ତୋଳାଳିଙ୍କଠାରୁ ରାଜ୍ୟ ସରକାର କେନ୍ଦୁପତ୍ର ସଂଗ୍ରହ କରି ଏହାର ମାର୍କେଟିଂ ଏଜେନ୍ସି ଓଏଫ୍‌ଡିସି ଜରିଆରେ ପ୍ରାୟ ୪୦୦ରୁ ଅଧିକ କେନ୍ଦୁପତ୍ର ବ୍ୟବସାୟୀଙ୍କୁ ବିକ୍ରି କରିଥାଆନ୍ତି। ଓଡ଼ିଶା କେନ୍ଦୁପତ୍ରର ଚାହିଦା ରାଜ୍ୟ ତଥା ରାଜ୍ୟ ବାହାରେ ରହିଥିବାରୁ ବ୍ୟବସାୟୀମାନେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହାକୁ କ୍ରୟ କରିଥାଆନ୍ତି। ଏଥିରୁ କେବଳ ୨୦ରୁ ୨୫ କୋଟିର କେନ୍ଦୁପତ୍ର ଶ୍ରୀଲଙ୍କାକୁ ରପ୍ତାନି କରାଯାଏ।

୩୫% ଜଳସେଚନ ନାଁରେ ପ୍ରହେଳିକା: ବିଶାଳ ଲକ୍ଷ୍ୟ ନେଲେ,୨୪% ହାସଲ ହେଲା

ଭୁବନେଶ୍ୱର,୦୫/୦୪ (ନି.ପ୍ର): ୨୦୦୩ ମସିହାରୁ ଫାଇଲ ଚାଷ ଆରମ୍ଭ ହେଲାଣି। ୨୦୦୬ରେ ରାଜ୍ୟପାଳଙ୍କ ଭାଷଣରେ ପ୍ରତି ବ୍ଲକରେ ଅତି କମ୍‌ରେ ୩୫% ଜଳସେଚନ କଥା ସରକାର କହିଲେ। ଏଯାଏ ଏହି ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ। ଯେଉଁ ସବୁ ବ୍ଲକର ଜଳସେଚନ ସଂପର୍କରେ କୁହାଯାଇଛି, ସେସବୁ ଅଞ୍ଚଳରେ ରାଜସ୍ୱ ବିଭାଗ ଖାତାରେ ଥିବା ଜଳସେଚନ ଅଞ୍ଚଳର ଚିତ

ଜଳେଶ୍ୱର ଯୁବ ମଂଚ ପକ୍ଷରୁ ୬ଟି ସ୍ଥାନରେ ଜଳଛତ୍ର

ଜଳେଶ୍ୱର, ୦୫/୦୪ (ନି.ପ୍ର): ଜଳେଶ୍ୱରରେ ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ଜଳେଶ୍ୱର ଯୁବ ମଂଚ ଆଜି ପ୍ରବଳ ରୌଦ୍ରତାପ ଯୋଗୁଁ ୬ଟି ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିଛନ୍ତି । ଜଳେଶ୍ୱର ବସ୍‌ଷ୍ଟାଣ୍ଡ, ଷ୍ଟେସନବଜାର, ଥାନା ବଜାର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ନୂଆବଜାର ଓ ଟାଉନ୍‌ହାଇସ୍କୁଲ ଠାରେ ଜଳଦାର ବ୍ୟବସ୍ଥା କରିଛନ୍ତି । ଜଳେଶ୍ୱର ଷ୍ଟେସନବଜାରଠାରେ ଜଳଛତ୍ରକୁ ପୌରପାଳିକା ଅଧ୍ୟକ୍ଷ ପ୍ରତୀପ ପ୍ରଧାନ ଉଦ୍‌ଘାଟନ କରିଥିଲେ । ଜଳହି ଜୀବନ ଓ ବିଶୁଦ୍ଧ ପାନୀୟ ଜଳ ପଅତ୍ୟେକଙ୍କର ଆବଶ୍ୟକତା ଥିବାରୁ ଏପରି ଏକ ସମାଜସେବାକୁ ଜଳେଶ୍ୱର ଯୁବମଂଚ ହାତକୁ ନେଇଥିବାରୁ ସେ ପ୍ରାସଂସା କରିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଅତିଥିଭାବେ ଯୋଗ ଦେଇ ସମାଜସେବା ଦ୍ୱାରା ବିକାଶ ସମ୍ଭବ ବୋଲି କହିଥିଲେ । ଶଚିନ୍ଦ୍ର ପାଢି ଅତିଥିଭାବେ ଯୋଗ ଦେଇଥିଲେ । ରାଜେଶ ଠକ୍କର ସଭାପତିତ୍ୱ କରିଥିଲେ । ଗୋପାଳକୃଷ୍ଣ କଟାଲ ସମ୍ପାଦକିୟ ବିବରଣୀ, ମୂଲଚାନ୍ଦ ଲାଢ ସ୍ୱାଗତ ଓ ସୂଚନା ପ୍ରଦାନ କରିଥିଲେ । ନିଖିଲ ରାଠୋର, ମିର ଅନୁରୁଦ୍ଦିନ, ଗୁରୁପ୍ରସାଦ ସାମନ୍ତ, ବିନୋଦ ସାହୁ, ରାଜେଶ ଦତ୍ତ, ଆଦିତ୍ୟ ପାତ୍ର, ରାମନାରାୟଣ ଦାସ, ପ୍ରଶାନ୍ତ ପ୍ରଧାନ, କୁମାରେଶ ଦିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ ।

ବିଜେଡି ପକ୍ଷରୁ ମାକଲପୁରରେ ଖୋଲିଲା ଜଳଛତ୍ର

ବାଲେଶ୍ୱର,୦୫/୦୪ (ନି.ପ୍ର): ମାର୍ଚ୍ଚ ପୁରି ଏପ୍ରିଲ ମାସ ଆରମ୍ଭରୁ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ପଥଚାରୀଙ୍କ ନିମନ୍ତେ ବାଲେଶ୍ୱରର ବିଭିନ୍ନ ସଂଗଠନର ପକ୍ଷରୁ ସହରରେ ଜଳଛତ୍ର ଖୋଲାଯାଉଛି । ଏହି ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ଏକ ଜଳଛତ୍ରରମାକଲପୁର ହନୁମାନ ମନ୍ଦିର ନିକଟରେ ଆଜି ଶୁଭାରମ୍ଭ ହୋଇଛି । ବିଜେଡି ଜିଲା ସଭାପତି ତଥା ପ୍ରାକ୍ତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହି ଜଳଛତ୍ରକୁ ଭାବେ ଉଦ୍‌ଘାଟନ କରିଥିଲେ । ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ଜନସାଧାରଣଙ୍କୁ ସେବା ଦେବା ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ଏହି ପଦକ୍ଷେପ ବେଶ ପ୍ରଶଂସନୀୟ ବୋଲି ଶ୍ରୀ ଜେନା କହିଥିଲେ । ସହରର ପ୍ରମୁଖ ରାସ୍ତାରେ ତଥା ପ୍ରତ୍ୟେକ ୱାର୍ଡରେ ଏହିଭଳି ଜଳଛତ୍ର ଖୋଲିବା ପାଇଁ ସେ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ ।

ପ୍ରତିଭାବାନ ଛାତ୍ରଛାତ୍ରୀ ଗଠନ କ୍ଷେତ୍ରରେ ବିଶୁ ମହାରଣାର ନିହାଣ ସଦୃଶ ଶିକ୍ଷକ, ଶିକ୍ଷୟିତ୍ରୀ

ନୀଳଗିରିରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା

ନୀଳଗିରି, ୦୫/୦୪ (ନି.ପ୍ର): ନୀଳଗିରିରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ବାଲିଗୋହିରୀ ସ୍ଥିତ ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଅଛି । ଆଜିର ଏହି ବ୍ଲକସ୍ତରୀୟ ବିଜ୍ଞାନମେଳାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରିର ମାନ୍ୟବର ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗ ଦେଇ ପ୍ରତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ଗୁଣକୁ ହିଁ ବିଜ୍ଞାନ ମେଳା ମାଧ୍ୟମରେ ପରିପ୍ରକାଶ ପାଇଥାଏ ବୋଲି ନିଜ ବକ୍ତବ୍ୟରେ ବଖାଣି ଥିଲେ । ମୁଖ୍ୟବକ୍ତା ଭାବେ ଫକୀରମୋହନ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଜନାର୍ଦ୍ଦନା ବେହେରା ମଂଚାସୀନ ରହି ପ୍ରତିଭାବାନ ଛାତ୍ରଛାତ୍ରୀ ଗଠନ କ୍ଷେତ୍ରରେ ବିଶୁ ମହାରଣାର ନିହାଣ ପରି ଆଜିର ସମାଜରେ ପ୍ରତ୍ୟେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭୂମିକା ଅତ୍ୟନ୍ତ ଗୁରୁଦାୟିତ୍ୱ । ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାର ଯୋଗ ଦେଇ ଅତିସୁନ୍ଦର ଭାବେ ବିଭିନ୍ନ ଗଳ୍ପ ମାଧ୍ୟମରେ ଶିକ୍ଷଣୀୟ ବକ୍ତବ୍ୟରେ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ପକାଇଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ କୃଷ୍ଣମୋହନ ସିଂହ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ସମ୍ମାନୀତ ଅତିଥି ଭାବେ କେ.ସି.ହାଇସ୍କୁଲର ପ୍ରଧାନଶିକ୍ଷକ ଭୀମସେନ ବିଶ୍ୱାଳ ବିଶିଷ୍ଟ ସମାଜସେବୀ ଇଂ. ଦୀପ୍ତିକାନ୍ତ ମହାପାତ୍ର ମଂଚାସୀନ ରହି ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।ନୀଳଗିରିର ଗୋଷ୍ଠି ଶିକ୍ଷାଧିକାରୀଣି ଶ୍ରମତୀ ସ୍ନିଗ୍ଧା ପଣ୍ଡା ବୈଠକରେ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ବିଜ୍ଞାନମେଳାରେ ମୋଟ ୮୪ଟି ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା । ଅପରାହ୍ନ ୩ଟା ସମୟରେ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେବି କଲେଜର ଅବସରପ୍ରାପ୍ତ ପ୍ରଫେସର ସୁରେନ୍ଦ୍ରନାଥ ମହାନ୍ତି ଯୋଗ ଦେଇ ବିଜ୍ଞାନମେଳାର ଆବଶ୍ୟକତା ଉପରେ ଚର୍ଚ୍ଚା କରିଥିଷଲ । ସ୍ରୋଷ୍ଠିର ପ୍ରତିଷ୍ଠାତା ଇଂ. ମିହିର କୁମାର ପଣ୍ଡା, ଇଂ. ଦୀପ୍ତିକାନ୍ତ ମହପାାତ୍ର ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ନୀଳଗିରିର ଗୋଷ୍ଠୀ ଶିକ୍ଷାଧିକାରୀଣି ଶ୍ରୀମତୀ ସ୍ନିଗ୍ଧା ପଣ୍ଡା ସଭାପତିତ୍ୱ କରିଥିଲେ । ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ଦିଲ୍ଲୀରେ ଓଡିଆ ଯୁବକ ସମ୍ବର୍ଦ୍ଧିତ

ଖଇରା, ୦୫/୦୪ (ନି.ପ୍ର): ବାଲେଶ୍ୱର ଜିଲା ର ଖଇରା ବ୍ଲକ ତଥା ନୂଆଦିଲ୍ଲୀରେ ଆୟୁସ୍ମାନ ଫାଉଣ୍ଡେସନ ନାମକ ସଂସ୍ଥା ଗଢି ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟରେ ନିଜକୁ ସାମିଲ କରିଥିବା ସଙ୍ଗଠନର ସସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କୁ ନୁଆଦିଲ୍ଲୀରେ ସମ୍ବର୍ଦ୍ଧିତ କରାଯାଇଛି । ରବିଓଡିଆ ଓ୍ୱେଲଫେୟାର ଆସୋସିଏସନ ତରଫରୁ ନୂଆଦିଲ୍ଲୀର ମେହେରୋଲୀ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ତାଙ୍କୁ ମାନପତ୍ର,ଉପଢୌକନ ସହ ତୁଳସୀ ଚାରା ପ୍ରଦାନ କରାଯାଇଥିଲା । ଶ୍ରୀ ବିଶ୍ୱାଳ ବୃକ୍ଷରୋପଣ, ରକ୍ତାଦାନ ଶିବିର ଆୟୋଜନ ସାଙ୍ଗକୁ କୋଭିଡ ସମୟରେ ଲୋକଙ୍କୁ ଖାଦ୍ୟ ପୁଡିଆ ଦେଇ ଚର୍ଚ୍ଚାକୁ ଆସିଥିଲେ ।

ସ୍ୱଦେଶ ସଂଗ୍ରାମ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ବାଲେଶ୍ୱର,୦୫/୦୪ (ନି.ପ୍ର): ସ୍ୱଦେଶ ସଂଗ୍ରାମ ଫାଉଣ୍ଡେସନର 'ବନ୍ଦେ ମାତରମ' ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ହୋଟେଲ ହରି ପ୍ଲାଜା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ତଥା ଶିକ୍ଷେଦ୍ୟାଗୀ ସଂଗ୍ରାମ ଦାସ ଅଧକ୍ଷତା କରିବା ସହିତ କାର୍ଯ୍ୟକ୍ରମରେ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ବାଲେଶ୍ୱରର ନବ ନିର୍ବାଚିତ ଜିଲା ପରିଷଦ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ସଦର ବିଧାୟକ ସ୍ୱରୂପ କୁମାର ଦାସ, ନବ ନିର୍ବାଚିତ ପୌରଧକ୍ଷା ସବିତା ସାହୁଙ୍କ ସମେତ ଜିଲା ପରିଷଦ ସଦସ୍ୟ ଜୟରାମ ଦାସ ଓ କୁରୁଡା ସରପଞ୍ଚ ତାପସ ପାଣିଗାହୀଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା । ଡ. ଶ୍ରୀମାନ ଶ୍ରୀଚନ୍ଦନ ଏଥିରେ ମଞ୍ଚ ପରିଚାଳନା କରିଥିଲେ । ସମ୍ବର୍ଦ୍ଧିତ ହେବା ଅବସରରେ ଜିଲା ପରିଷଦ ଅଧକ୍ଷ ଶ୍ରୀ ପ୍ରଧାନ ସଂଗଠନର ସଦସ୍ୟମାନଙ୍କ ଉଚ୍ଚ ବିଚାରକୁ ଉଚ୍ଚ ପ୍ରଶଂସା କରିବା ସହିତ ଆଗାମୀ ଦିନରେ କୌଣସି ପ୍ରକାର ସହଯୋଗ ପ୍ରଦାନ ପାଇଁ ସେ ପ୍ରସ୍ତୁତ ରହିଥିବା କହିଥିଲେ ।

ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନଙ୍କ ଦାୟିତ୍ୱ ଗ୍ରହଣ

ଜଳେଶ୍ୱର, ୦୫/୦୪ (ନି.ପ୍ର): ସରକାରଙ୍କ ନିତୀ ନିୟମ ଅନୁଯାୟୀ ଆଜି ଓଡିଶାର ପ୍ରବେଶଦ୍ୱାର କୁହାଯାଉଥିବା ଜଳେଶ୍ୱର ପୌରପାଳିକାରେ ନବନିର୍ବାଚିତ ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆୟୋଜିତ ବୈଠକରେ ବିଜେଡିର ଜିଲା ସଭାପତି ଇଂ ରବିନ୍ଦ୍ର କୁମାର ଜେନା ଯୋଗ ଦେଇ ଉତ୍ତର ବାଲେଶ୍ୱରର ବିକାଶ କରିବାକୁ ହେଲେ ଜଳେଶ୍ୱର ପୌରାଞ୍ଚଳର ବିକାଶ ଏକାନ୍ତ ଜରୁରୀ । ଏଥିଲାଗି ରାଜ୍ୟ ସରକାର ଆସନ୍ତା ଦିନରେ ଗୁରୁତ୍ୱ ଦେବେ ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କୁ ପୌରପାଳିକା ଓ ପଂଚାୟତରାଜ ନିର୍ବାଚନବେଳେ ଅଧିକ ସଂଖ୍ୟକ ଜନାଦେଶ ମିଳିଥିବାରୁ ଧନ୍ୟବାଦ ଜଣାଇଥିଲେ । ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇ ଜଳେଶ୍ୱରକୁ ଏକ ଆଦର୍ଶ ଓ ବିକଶିତ ପୌରପାଳିକାରେ ପରିଣତ କରିବାଲାଗି ନୂତନ ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ପ୍ରଚେଷ୍ଟା ଜାରି ରଖିବେ ଓ ବିଜେଡି ସରକାର ଏଥିପ୍ରତି ଗରୁତ୍ୱ ଦେବ ବୋଲି କହିଥିଲେ । ନୂତନ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଚ୍ୟାଲେଞ୍ଜର ସହ ରାଜ୍ୟର ପ୍ରବେଶକପଥ ଜଳେଶ୍ୱରକୁ ଏକ ମଡେଲ ପୌରାଞ୍ଚଳଭାବେ ଗଠନ କରିବାର ସ୍ୱପ୍ନଦକୁ ସାକାର କରିବେବୋଲି କହିଥିଲେ । ଏହା ସହିତ ଏକ ମାଷ୍ଟରପ୍ଲାନ, ଜଳନିଷ୍କାସନ, ରିଂ ବନ୍ଧ ଇତ୍ୟାଦି ଆବଶ୍ୟକ ସୁବିଧା ଯୋଗାଇବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ବୋଧିସତ୍ୱ ଦାସ, ଜିଲାପରିଷଦ ଉପାଧ୍ୟକ୍ଷ ଅନୁସୂୟା ପ୍ରଧାନ, ସମସ୍ତ ନିର୍ବାଚିତ କାଉନ୍‌ସିଲର, ଭୂବନାନନ୍ଦ ଦାସ, ଟାଉନ୍ ସଭାପତି ଶଂକର ଘୋଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶିଶୁ ଉଦ୍ୟାନରେ ଥିବା ଭକ୍ତକବି ଦୀନକୃଷ୍ଣ ଦାସ, ପୂର୍ବତନ ପୌରାଧ୍ୟକ୍ଷ ହିମାଂଶୁ ଶେଖର ନନ୍ଦୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ଉତ୍ସବରେ ବହୁ ବ୍ୟକ୍ତିବିଶେଷ ଓ ସଂଗଠନ ପକ୍ଷରୁ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ନକଲି ଡାକ୍ତରଙ୍କ ଦ୍ୱିତୀୟ ପତ୍ନୀ ଗିରଫ

ଭୁବନେଶ୍ୱର, ୦୫/୦୪ (ନି.ପ୍ର): ବହୁଚର୍ଚ୍ଚିତ ନକଲୀ ଡାକ୍ତର ରମେଶଚନ୍ଦ୍ର ସ୍ୱାଇଁଙ୍କ ପତ୍ନୀ କମଳାଙ୍କୁକୁ କମିସନରେଟ ପୁଲିସ ଗିରଫ କରିଛି । ତାଙ୍କୁ ଝାଡଖଣ୍ଡରୁ ଗିରଫ କାରଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ଗୁଜରାତର ଜାମନଗରରେ କାମ କରୁଥିଲେ ଓ ଘଟଣା ପର ଠାରୁ ଫେରାର ଥିଲେ ବୋଲି ସୂଚନା ରହିଛି ।

ଭଞ୍ଜ ସାହିତ୍ୟ ସମୀକ୍ଷକଙ୍କ ପରଲୋକ

ଖଇରା, ୦୫/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଡଗରପଡା ପଞ୍ଚାୟତ ଅଧୀନ ବାହାଦଲପୁର ଶାସନର ଚାଟଶାଳୀ ଗୁରୁ ତଥା ଭଞ୍ଜସାହିତ୍ୟ ସମିକ୍ଷକ ଗିରିଧାରୀ ଶନିବିଗ୍ରହ(୫୬)ଙ୍କର ୨ତାରିଖ ଦିନ ପରଲୋକ ହୋଇ ଯାଇଛି । ଘର ପାଖ ବାଡ ବୁଲୁଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ଲୋକ ତାଙ୍କୁ ପ୍ରଥମେ ସୋର ଓ ପରେ କଟକ ନିଆଯାଉଥିବା ବେଳେ ରାସ୍ତାର ପାଣିକୋଇଲି ନିକଟରେ ପ୍ରାଣବାୟୁ ଉଡି ଯାଇଥିଲା । ଭଞ୍ଜସାହିତ୍ୟ ଉପରେ ପାଣ୍ଡିତ୍ୟ ଥିବା ବେଳେ ବିଭିନ୍ନ ସାହିତ୍ୟ ଆଲୋଚନାରେ ସେ ସମିକ୍ଷକ ଭାବେ ଯୋଗ ଦେଇଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ଛାତ୍ରୀଛାତ୍ର, ଶୁଭେଚ୍ଛୁ, ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

କଂଗ୍ରେସ ସାଂସଦଙ୍କ ବୈଠକରେ....

ଏହା ନିଶ୍ଚିତ ଭାବେ ଯନ୍ତ୍ରଣାଦାୟକ ଓ ଆଶ୍ଚର୍ଯ୍ୟଜନକ । ଆମ ମାନଙ୍କର ପ୍ରତିବଦ୍ଧତା, ସମର୍ପଣ ଓ ଧୈର୍ଯ୍ୟ ବର୍ତ୍ତମାନ ଏକ ଘଡ଼ସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ଆମେ କଠିନ ପରୀକ୍ଷାର ସମ୍ମୁଖୀନ ହେଉଛେ । ତେଣୁ ଆମ ବିଶାଳ ସଂଗଠନ ସବୁସ୍ତରରେ ଏକାଠି ହୋଇ ରହିବା ହିଁ ବର୍ତ୍ତମାନ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏକତା ବିନା କିଛି ବି ସମ୍ଭବପର ନୁହେଁ । ଦଳକୁ ଏକାଠି ରଖିବା ପାଇଁ ଆପଣମାନେ ଯେତେବେଳେ ବି ଚାହିଁବେ ମୋ ସହ କଥା ହୋଇପାରିବେ । ଏକତା ବଜାୟୀ ରଖିବା ପାଇଁ ମୁଁ ସବୁବେଳେ ପ୍ରତିବଦ୍ଧ ।" ୫ ରାଜ୍ୟର ବିପର୍ଯ୍ୟୟ ପରେ କଂଗ୍ରେସ ୱାର୍କିଂ କମିଟି(ସିଡବ୍ଲ୍ୟୁସି) ବୈଠକ ବସିଥିଲା । ଆଜି ସାଂସଦମାନଙ୍କୁ ଗୁରୁମନ୍ତ୍ର ଦେବା ବେଳେ ସୋନିଆ ଉକ୍ତ ବୈଠକ କଥା ମଧ୍ୟ ଉଠାଇଥିଲେ । ସେ କହିଛନ୍ତି, ଆମ ପ୍ରଦର୍ଶନର ସମୀକ୍ଷା କରିବାକୁ ଥରେ ମାତ୍ର ସିଡବ୍ଲ୍ୟୁସି ବୈଠକ ବସିଥିଲା । ମୁଁ ମଧ୍ୟ ମୋର ଅନ୍ୟ ସହଯୋଗୀମାନଙ୍କୁ ଭେଟିଛି । ଏହି ସମୟରେ କଂଗ୍ରେସକୁ ସଶକ୍ତ କରିବାକୁ ଅନେକ ପ୍ରସ୍ତାବ ପାଇଛି । ମିଳିଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରୁ କିଛିଟା ଉପରେ କାମ ମଧ୍ୟ ଆରମ୍ଭ ହୋଇଛି । ସିଡବ୍ଲ୍ୟୁସି ବୈଠକରେ ଗୋଟିଏ ଚିନ୍ତନ ଶିବିର ପାଇଁ ନିଷ୍ପତ୍ତି ହୋଇଛି । ଏହା ବର୍ତ୍ତମାନ ସମୟରେ ଜରୁରୀ । ଏହି ଚିନ୍ତନ ଶିବିରରେ ଅଧିକ ସଂଖ୍ୟକ ସହଯୋଗୀ ଓ ଦଳୀୟ ପ୍ରତିନିଧିଙ୍କ କଥା ଶୁଣିବାକୁ ସୁଯୋଗ ମିଳିବ । ଆମେ ବର୍ତ୍ତମାନ ସମୟରେ ସାମ୍ନା କରୁଥିବା ଚ୍ୟାଲେଞ୍ଜକୁ ମୁକାବିଲା କରି ଆଗକୁ ବଢ଼ିବା । ଏଥିପାଇଁ ସମସ୍ତଙ୍କ କଥା ଶୁଣିବା ପରେ ହିଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ । ପୂର୍ବ ଅପେକ୍ଷା ଆଗକୁ ଆହୁରି କଠିନ ସମୟର ସାମ୍ନା ସମସ୍ତଙ୍କୁ କରିବାକୁ ପଡ଼ିବ । କଂଗ୍ରେସ ପୁରୁଣା ଫର୍ମକୁ ଫେରିବା କେବଳ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହା ଆମ ଗଣତନ୍ତ୍ର ପାଇଁ ମଧ୍ୟ ଜରୁରୀ । ଆମ ସମାଜ ପାଇଁ ମଧ୍ୟ ଆମକୁ ପୁର୍ନଜୀବିତ ହେବାକୁ ପଡ଼ିବ ବୋଲି ସୋନିଆ କହିଛନ୍ତି । ଏହି ବୈଠକରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ, ସାଂସଦ ରାହୁଲ ଗାନ୍ଧି ଓ ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ ଉପସ୍ଥିତ ଥିଲେ ।

ବଦଳିବ ରାଜ୍ୟ....

ଦାୟିତ୍ୱ ରହୁଥିବାରୁ ସମ୍ପୃକ୍ତ ବିଭାଗୀୟ ସଚିବ ଜି. ମାଥିଭାଥାନନଙ୍କୁ ନିଜର ଛୁଟି କାଣ୍ଟଛାଣ୍ଟ କରି ଆସନ୍ତା ସପ୍ତାହ ସୁଦ୍ଧା କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପଟେ କେତେକ ମନ୍ତ୍ରୀଙ୍କୁ ନିଜର ବିଭାଗୀୟ ଫାଇଲ୍ କାର୍ଯ୍ୟ ନକରିବାକୁ କୁହାଯାଇଛି ଓ କେତେକ ମନ୍ତ୍ରୀଙ୍କୁ ଜରୁରୀ ନଥିଲେ ରାଜଧାନୀ ଭୁବନେଶ୍ୱର ଛାଡ଼ିବାକୁ ମଧ୍ୟ ବାରଣ କରାଯାଇଛି । ନୂଆ ମନ୍ତ୍ରିମଣ୍ଡଳରେ ସବୁ ମନ୍ତ୍ରୀଙ୍କ ବିଭାଗ ପରିବର୍ତ୍ତନ ହେବ ବୋଲି ଜଣାପଡ଼ିଛି । ସମ୍ଭାବ୍ୟ ମନ୍ତ୍ରିମଣ୍ଡଳରେ ମୟୂରଭଞ୍ଜ ଜିଲ୍ଲାରୁ ଅନୁସୂଚିତ ଜନଜାତି ବର୍ଗର ବାସନ୍ତୀ ହେମ୍ବ୍ରମଙ୍କ ସମେତ କେନ୍ଦ୍ରାପଡ଼ା ଜିଲ୍ଲାରୁ ଉଭୟ ପ୍ରତାପ କେଶରୀ ଦେବ ଓ ଅତନୁ ସବ୍ୟସାଚୀ ନାୟକଙ୍କୁ ମଧ୍ୟ ଆଡଜଷ୍ଟ୍ କରାଯିବ । ସେହିପରି ଜଗତସିଂହପୁର ଜିଲ୍ଲାରୁ ପ୍ରଶାନ୍ତ କୁମାର ମୁଦୁଲି ଓ ଯାଜପୁର ଜିଲ୍ଲାରୁ ପ୍ରଣବ ବଳବନ୍ତରାୟ, ବୌଦ୍ଧ ଜିଲ୍ଲାରୁ ପ୍ରଦୀପ ଅମାତ୍ , କେନ୍ଦୁଝର ଜିଲ୍ଲାରୁ ବଦ୍ରିନାରାୟଣ ପାତ୍ରଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବାର ସମ୍ଭାବନା ରହିଛି ।

୪୧ ଦିନରେ ପହଞ୍ଚିଲା ରୁଷିଆ....

ଛାଡି ନାହାଁନ୍ତି ସେମାନେ । ସେମାନେ ଆର୍ମି ନୁହଁନ୍ତି ସେମାନେ ସବୁ କ୍ରିମିନାଲ । ଯଦି ଆମକୁ ସୈନ୍ୟ ସହାୟତା ମିଳିଥାନ୍ତା ତାହାଲେ ହଜାର ହଜାର ଲୋକ ଆଜି ଜୀବିତ ଥାନ୍ତେ ।" ବୁଚା ସହର ପରି ସୁମିରେ ଶହ ଶହ ସଂଖ୍ୟାରେ ସାଧାରଣ ନାଗରିକଙ୍କ ମୃତ ଦେହ ଉଦ୍ଧାର ହୋଇଛି । ମୃତ୍ୟୁ ପୂର୍ବରୁ ସେମାନଙ୍କୁ ନିର୍ଯାତନା ଦିଆଯାଇଥିବା ୟୁକ୍ରେନ ଅଭିଯୋଗ କରିଛି । ରୁଷିଆ ଆକ୍ରମଣରେ ବର୍ତମାନ ସୁଦ୍ଧା ୧୬୫ ଜଣ ପିଲା ମୃତ୍ୟୁବରଣ କରିଥିବା ଏବଂ ୨୬୬ ପିଲା ଆହତ ହୋଇଥିବା ଅଭିଯୋଗ ହୋଇଛି । ବୁଚା ନରସଂହାର ଘଟଣା ପରେ ଆମେରିକା ଜାତିସଂଘର ୟୁଏନଏଚଆରସିରୁ ରୁଷିଆକୁ ବାହାର କରିବାକୁ ଦାବି କରିଛି । ଆମେରିକା, ୟୁକ୍ରେନକୁ ଚଳିତ ସପ୍ତାହ ଶେଷ ସୁଦ୍ଧା ୮୦ କୋଟି ଡଲାରର ଯୁଦ୍ଧ ସାମଗ୍ରୀ ପ୍ୟାକେଜ୍ ପଠାଇବାକୁ ଯାଉଛି । ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ୱାର କ୍ରିମିନାଲ କହିବା ସହ ତାଙ୍କ ବିରୋଧରେ ମକଦ୍ଦମା ଚଳାଇବାକୁ ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ । ଯୁଦ୍ଧର ଦିନ ଯେତିକି ଆଗକୁ ବଢୁଛି ସେତିକି ଭୟଙ୍କର ଚିତ୍ର ସାମ୍ନାକୁ ଆସୁଛି ।

ବିଗୁଡୁଛି ଶ୍ରୀଲଙ୍କା ସ୍ଥିତି....

ସଂକଟ ବଢ

ବାଲେଶ୍ୱର, ବୁଧବାର, ୦୬ ଅପ୍ରେଲ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

କଟକଣା ଉଠିଲାଣି, କିନ୍ତୁ ସଂପୂର୍ଣ୍ଣ ଟ୍ରେନ୍ ଚଳାଚଳ କେବେ ?

ଜଳେଶ୍ୱର, ୦୫/୪ (ନି.ପ୍ର): ୨ବର୍ଷ ତଳେ କୋଭିଡ୍ ସଂକ୍ରମଣ ମାରାତ୍ମକ ଭାବେ ବୃଦ୍ଧି ପାଇଥିବାରୁ ସମଗ୍ର ଭାରତବର୍ଷରେ ବିଭିନ୍ନ କଟକଣା ଲାଗୁ ହୋଇଥିଲା । ଜୀବନଯାତ୍ରା ଅସ୍ତବ୍ୟସ୍ତ ଓ ଅଚଳ ହୋଇଥିଲା । କିନ୍ତୁ ତାହା ଏବେ ଦୂରେଇ ଗଲାଣି । ସମସ୍ତ କଟକଣା ଉଠିଗଲାଣି । କିନ୍ତୁ ଲୋକମାନଙ୍କ ଜୀବନଚର୍ଯ୍ୟା ଲାଗି ଟ୍ରେନ୍‌ଯାତ୍ରା ସ୍ୱାଭାବିକ ହୋଇ ପାରିନାହିଁ । ତେଣୁ ରେଳଯାତ୍ରାଲାଗି ଜନସାଧାରଣ ପାସେଞ୍ଜର ଓ ସମସ୍ତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କେବେ କରିବବୋଲି ପ୍ରଶ୍ନ ଉଠୁଛି । ଏଥିନେଇ ବିଭିନ୍ନ ସ୍ଥାନରେ ଆଲୋଚନା, ଦାବି ହେଉଥିବା ବେଳେ ଚଳିତମାସ ୩ୟ ସପ୍ତାହରେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଓ ରେଳରୋକର ଚେତାବନୀ ଦିଆଯାଇଛି । ୨୦୨୦ ମସିହାରେ ମହାମାରୀ କୋଭିଡ୍ ର ଆତଙ୍କ ସମଗ୍ର ଦେଶରେ ଅନୁଭୂତ ହୋଇଥିଲା । ପରିସ୍ଥିତି ଏପରି ଜଟିଳ ଥିଲା ଯେ ଯାତାୟାତରେ ସଂକ୍ରମଣ ଘଟୁଥିବାରୁ ରେଳ ଯାତ୍ରାକୁ ପ୍ରଥମେ ସଂପୂର୍ଣ୍ଣ ନିଷେଧ ଓ ପରେ କେତେକ ରେଳକୁ ସ୍ୱତନ୍ତ୍ର ରେଳ ପରିଚୟରେ ଚଳାଚଳ କରାଯାଇଥିଲା । ଫଳରେ ପୁରୁଣା ରେଳ ଗୁଡିକ ତାର ନାମ୍ବର ହରାଇବା ସହିତ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍‌ଭାବେ ଚଳାଚଳ କରିବାରୁ ୩୫ପ୍ରତିଶତ ଅଧିକ ଭଡା ବହନ କରିବାକୁ ପଡୁଛି । ପାସେଞ୍ଜର ଟ୍ରେନ ଚଳାଚଳ କାଁ ଭାଁ ହେଉଥିବା ବେଳେ ଏବେବି କେତେକ ରେଳ ପୁରୁଣା ନାମରେ ଚଳାଚଳ କରୁନାହିଁ । କେବଳ ଏତିକି ନୁହେଁ ବରିଷ୍ଠ ନାଗରିକ, ମହିଳା, ଛାତ୍ରଛାତ୍ରୀ ସୁବିଧାସୁଯୋଗରୁ ବଂଚିତ ହେଉଥିବା ବେଳେ ମାସିକ ଓ ତ୍ରୟୋମାସିକ ରିହାତି ଟିକଟ ବିକ୍ରି ହେଉନାହିଁ । ସବୁ ଟ୍ରେନ୍ ଲାଗି ରେଳ ଷ୍ଟେସନରେ ଟିକଟ ଦିଆଯାଉ ନାହିଁ । ଅନ ଲାଇନ୍‌ରେ ଟିକଟ କଟାଗଲେ ଜନସାଧାରଣ ହଇରାଣ ହରକତର ସମ୍ମୁଖୀନ ହେଉଛନ୍ତି । ପୁଣି ଦେଶରେ ରେଳ ବିଭାଗ ଗୋଟିଏ ଥିବା ବେଳେ ସମାନ ଦୂରତା ଯିବାଲାଗି ବିଭିନ୍ନ ଡିଭିଜନ୍‌ର ରେଳଭଡାରେ ତାରତମ୍ୟ ରହିଛି । କିନ୍ତୁ ପୂର୍ବଭଳି ସମସ୍ତ ପାସେଞ୍ଜର, ଏକ୍ସପ୍ରେସ୍ ଓ ମେଲ ଚଳାଚଳ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି । ଜଳେଶ୍ୱର ରେଳ ଷ୍ଟେସନରେ ଆନ୍ଦୋଳନ ଲାଗି ଆସନ୍ତା ମଙ୍ଗଳବାର ବିଭିନ୍ନ ସଂଗଠନ ପକ୍ଷରୁ ଆଲୋଚନା ଲାଗି ବୈଠକ ଆହୁତ ହୋଇଛି ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମାଣ କୃଷକ ସଂଗଠନର ବିକ୍ଷୋଭ

ବାରିପଦା, ୦୫/୦୪ (ନି.ପ୍ର): ଆଜି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ଧାରଣା ଦେଇଛନ୍ତି ଶତାଧିକ ଚାଷୀ । ଜିଲ୍ଲାର କପ୍ତିପଦା, ଉଦଳା, ଖୁଣ୍ଟା , ବଡସାହି , ବେତନଟୀ , କୁଳିଅଣା, ବାଙ୍ଗିରିପୋଷୀ ଆଦି ବ୍ଲକର ଶତାଧିକ ଚାଷୀ ଏହି ଧାରଣାରେ ଯୋଗ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସୂଚନା ମୁତାବକ ଅନଲାଇନରେ ଧାନ ବିକ୍ରୟ ପାଇଁ ଟୋକନ ପାଇବା ପରେ ମଧ୍ୟ ଟାର୍ଗେଟ ନଆସିବାରୁ ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରିପାରି ନଥିବା ଏବଂ କିଛି ଚାଷୀ ସରକାରଙ୍କ ନିର୍ଧାରିତ ପରିମାଣଠାରୁ ଅତି କମ ପରିମାଣର ଧାନ ମଣ୍ଡିରେ ନିଆ ଯାଇଥିବା, ଟାର୍ଗେଟ ନଥିବାରୁ ଏଫଏକ୍ୟୁ ମାନ ଠିକ ନାହିଁ କହି ମିଲର ଓ ଲ୍ୟାମ୍ପ ଏମ.ଡି. ମାନେ ୧୦ରୁ ୧୫କିଲୋ ଧାନ କଟନୀ ଛଟନୀ ମାଧ୍ୟମରେ ଚାଷୀଙ୍କଠାରୁ ଲୁଟିନେଇଥିବା, ସରକାର ଙ୍କ ପକ୍ଷରୁ ଚାଷୀଙ୍କୁ ଅଖା ପଇସା ମିଳୁଥିବା ବେଳେ ତାହା ମଧ୍ୟ ଚାଷୀଙ୍କୁ ନଦେଇ ହଡପ କରିଥିବା ଆଦି ଅଭିଯୋଗ ଆଣି ଚାଷୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଋଣ କରିଥିବା ଚାଷୀମାନେ ଧାନ ବିକ୍ରି ନକରି ପାରିବାବା ଯୋଗୁଁ ଋଣ ପୈଠ କରିବାରେ ଅସୁବିଧା ସମ୍ମୁଖୀନ ହେଉଛି । ଏଣୁ ଋଣ ବାବଦରେ ଟଙ୍କା ନନେଇ ଧାନ ପୈଠ କରିବା ପାଇଁ ସରକାର ଆଦେଶ ପ୍ରଦାନ କରିବା ଏବଂ ସରକାର ଚାଷୀ ମାରଣ ନିତି ଛାଡି ଚାଷୀଙ୍କ ଠାରୁ ଧାନ ନିଅନ୍ତୁ ନତୁବା ଋଣ ଛାଡ କରନ୍ତୁ ବୋଲି ଦାବୀ କରିଛନ୍ତି ବିକ୍ଷୋଭ କାରୀ ଚାଷୀମାନେ । ଯଦି ସରକାର ଏଥିପ୍ରତି ଧ୍ୟାନ ନଦିଅନ୍ତି ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ନବନିର୍ମାଣ କୃଷକ ସଂଗଠନର ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ଚିନୁ ଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି । ତେବେ ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ ପତି ବିକ୍ଷୋଭ ସ୍ଥଳରେ ଉତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରିଥିଲେ ।

ଆଇନ୍ ଛାତ୍ରୀ ଆତ୍ମହତ୍ୟା ମାମଲାର ସଠିକ ତଦନ୍ତ ହେଉ : ଏବିଭିପି

ଭୁବନେଶ୍ୱର, ୦୫/୦୪ (ନି.ପ୍ର): କଟକ ସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୁରଭୀ ପଂଚପାଲ ଆତ୍ମହତ୍ୟା କରିବା ଘଟଣାର ସଠିକ୍ ତଦନ୍ତ ପାଇଁ ଦାବି କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) । ଛାତ୍ରୀଜଣକ କ'ଣ ପାଇଁ ଆତ୍ମହତ୍ୟା କଲେ ତାର ସ୍ପଷ୍ଟତା ସାମ୍ନାକୁ ଆସିବା ଦରକାର ବୋଲି ଏବିଭିପି କହିଛି । କଟକ ନରାଜ ଥରେ ଥିବାଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ସୁରଭୀ ପଂଚପାଲ ନାମକ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା କଥା କୁହାଯାଉଛି ।ସେ ଖଖଇ ଦ୍ୱିତୀୟବର୍ଷ ରଛାତ୍ରୀ ।ସେ ହରିୟାଣାର ପାନିପଥ ବାସିନ୍ଦା ।କିଛି ଦିନ ଧରି ସେ ମାନସିକ ଅବସାଦରେ ରହୁଥିଲେ । ଯାହାଫଳରେ ସେ ଆତ୍ମହତ୍ୟା କରିଛନ୍ତି ବୋଲି ସୂଚନା ମିଳିଛି । ଏବିଭିପିରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି, ତୁରନ୍ତ ଏହି ଘଟଣାର ଯାଂଚ ସଠିକ ଭାବରେ ହେଉ ବୋଲି ଦାବି କରିଛନ୍ତି ।

ସହର ରାସ୍ତାରୁ ନିର୍ବାଚନ ହୋର୍ଡ଼ିଂ ଅପସାରଣ ଦାବି

ବାଲେଶ୍ୱର,୦୫/୦୪ (ନି.ପ୍ର): ବାଲେଶ୍ୱର ସହରର ସୌନ୍ଦର୍ଯ୍ୟ ରକ୍ଷାରେ ଅନ୍ତରାୟ ହୋଇଥିବା ନିର୍ବାଚନ ହୋର୍ଡ଼ିଂକୁ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି ସ୍ୱେଚ୍ଛାସେବୀ ସଂଗଠନ 'ହେଲପିଂ ସୋସାଇଟି'। ସଂଗଠନର ସଭାପତି ହ୍ରିତିକ ନାୟକଙ୍କ ନେତୃତ୍ୱରେ ବହୁ ସଦସ୍ୟ ବାଲେଶ୍ୱର ଜିଲାପାଳଙ୍କୁ ସାକ୍ଷାତ ସହ ତୁରନ୍ତ ରାଜନୈତିକ ହୋଡିଂ ଓ ବ୍ୟାନର ହଟାଇବାକୁ ଦାବି କରିଥିଲେ। ନିର୍ବାଚନ ଶେଷ ହେବା ପରେ ମଧ୍ୟ ବାଲେଶ୍ୱର ଭଳି ଏକ ସଂସ୍କୃତି ସମ୍ପନ୍ନ ଓ ଶିକ୍ଷିତ ସହରରେ ଏହି ଭଳି ବ୍ୟାନର ଓ ହୋର୍ଡିଂ ରହିବା ଆଦୌ ଶୋଭନୀୟ ନୁହେଁ ବୋଲି ଶ୍ରୀ ନାୟକ କହିଥିଲେ । ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ଦୃଢ ପଦକ୍ଷେପ ଗ୍ରହଣ ନିମନ୍ତେ ସେମାନେ ଦାବି ଜଣାଇଥିଲେ । ହେଲପିଂ ସୋସାଇଟି ସଂଗଠନର ସଦସ୍ୟମାନେ ଏ କ୍ଷେତ୍ରରେ ପ୍ରଶାସନକୁ ସବୁ ପ୍ରକାର ସହଯୋଗ ପ୍ରଦାନ ପାଇଁ ପ୍ରସ୍ତୁତ ରହିଛନ୍ତି ବୋଲି ଶ୍ରୀ ନାୟକ କହିଥିଲେ । ଏନେଇ ସଂଗଠନ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ସ୍ମାରକପତ୍ର ପ୍ରଦାନ ବେଳେ ଜୀବନ ସଂଗ୍ରାମ ମିଶ୍ର, ଶେଖ ଅରଫାନୁଦ୍ଦିନ, ରଜତ କୁମାର ଘଡ଼େଇ, ଅରୂପ କୁମାର ସାହୁ, ଅଭିଜିତ ଦେବନାଥ, ଦିବ୍ୟରଞ୍ଜନ ଦାସ, ଶେଖ ନଜିମ, ସୁଧାଂଶୁ ଶେଖର ବାରିକ, ସୁମିତ ରଞ୍ଜନ କର, ବୀରେନ୍ଦ୍ର ଚୌଧୁରୀ, ଅବନୀ ଶଙ୍କର ଦାସ, ଚିନ୍ମୟ କୁମାର ପରିଡ଼ା, ଆଶିଷ କୁମାର ଆଶ ପ୍ରମୁଖ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।

ପେଟ୍ରଲ ଡିଜେଲ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ହରତାଳ

ବାରିପଦା, ୦୫/୦୪ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଆଜି ମୟୁରଭଞ୍ଜ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଡ଼ିଜେଲ, ପେଟ୍ରୋଲ, ଗ୍ୟାସ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଦ୍ରବ୍ୟର ଅତ୍ୟଧିକ ମୂଲ୍ୟ ବୃଦ୍ଧି ବିରୁଦ୍ଧରେ ପ୍ରତିବାଦ ପ୍ରଦର୍ଶନ କରାଯାଇଛି । ଆଜି ଦିନ ୧୧ ଘଣ୍ଟା ସମୟରେ କଂଗ୍ରେସ ଦଳର କର୍ମକର୍ତା ଓ କର୍ମୀମାନେ ବାରିପଦା ବିଜୁ ଗୋଲେଇ ଠାରୁ ଏକ ପଦଯାତ୍ରାରେ ଆସି ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଦରଦାମ ନିୟନ୍ତ୍ରଣ ରେ ବିଫଳ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୧୪ ଦିନ ମଧ୍ୟରେ ୧୨ ଥର ତେଲ ଦରବୃଦ୍ଧି କରି ପ୍ରାୟ ୯ ଟଙ୍କା ରୁ ଉର୍ଦ୍ଧ୍ୱ ଡିଜେଲ, ପେଟ୍ରୋଲ ଦର ବୃଦ୍ଧି କରିଛନ୍ତି । ଖାଇବା ତେଲ ଦର ଆକାଶଛୁଆଁ । ତେଲଦର ବୃଦ୍ଧି ଯୋଗୁଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ଦରବୃଦ୍ଧି ଘଟୁଥିବାରୁ ଗରିବ, ସାଧାରଣ ଓ ମଧ୍ୟବିତ ପରିବାର ବିଶେଷ ଭାବେ ହଇରାଣରେ ପଡୁଛନ୍ତି । ଏଣୁ ସରକାର ତୁରନ୍ତ ଦରଦାମ ନିୟନ୍ତ୍ରଣ ରୋକିବାରେ ଉଚିତ ପଦକ୍ଷେପ ନେବାକୁ ବକ୍ତାମାନେ ଦାବୀ କରିଥିଲେ । ଜିଲ୍ଲା ସଭାପତି ହେମନ୍ତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖପାତ୍ର ବିଜନ ଦାସ, ଅଜୟ ମହାପାତ୍ର, ଉପସଭାପତି ଅରବିନ୍ଦ ଦାସ, ପୂର୍ବତନ ରାଜ୍ୟ ସଂପାଦକ ଯୋଗେଶ ଅଗ୍ରୱାଲ, ଟାଉନ ସଭାପତି ଶାନ୍ତନୁ ପାଲ, ଆଇନ ସେଲ୍‌ୟ ଅଧକ୍ଷ ଜ୍ୟୋତି ପ୍ରକାଶ ରଥ, ଓକିଲ ହଳଧର ପରିଡ଼ା, ସଂପାଦକ ତାରାକାନ୍ତ ବେହେରା, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ଓବିସି ସେଲ ଅଧକ୍ଷ ଦିଲ୍ଲିପ ନାଏକ, ସଂପାଦକ ସ୍ୱାଗନ ଦାସ, ନିର୍ମଳ ପ୍ରଧାନ, ଶେକ ରଖିମ ପ୍ରମୁଖ ଯୋଗ ଦେଇଥିଲେ ।

ଦଶ ଦଫା ଦାବି ନେଇ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର ଆମରଣ ଅନଶନ ପ୍ରତିବାଦ ସଭା

ବସ୍ତା, ୦୫/୦୪ (ନି.ପ୍ର): ଆଜି ବସ୍ତାରେଳଷ୍ଟେସନ ନିକଟରେ ବାଲେଶ୍ୱର ଓ ବସ୍ତା କମିଟିର ମିଳିତ ସହଯୋଗରେ ଏକ ଆମରଣ ପ୍ରତିବାଦ ସଭା ବସ୍ତାରେଳ ଷ୍ଟେସନ ନିକଟରେ ଅନୁଷ୍ଠିତ ହୋଇଛି । ବସ୍ତାରେ ମୌଳିକ ସମସ୍ୟା ଯଥା ଟ୍ରେନ ରହଣି, ଓଭର ବ୍ରିଜ, ରେଳଧାରଣା ପାଖ ଏକ ରାସ୍ତା ଗମନାଗମନ ସୁବିଧା ପ୍ରଭୃତି ଦାବି ଉପସ୍ଥାପନା କରିଛନ୍ତି । ଏହି ରେଳଷ୍ଟେସନ ଉପରେ ପୋଡଶି ମୟୁରଭଞ୍ଜ ଜିଲ୍ଲାର ବହୁଅଞ୍ଚଳ ବାଲିଆପାଳ ସଦରବ୍ଲକର କିଛିଅଞ୍ଚଳର ବହୁଯାତ୍ରୀ ଏହି ରେଳଷ୍ଟେସନ ଉପରେ ସଦାସର୍ବଦା ନିର୍ଭୟ କରିଥାନ୍ତି । ତେବେ ଦୁଃଖ ତଥା ପରିତାପ ର ବିଷୟ କେତଗୋଡି ଟ୍ରେନ ବସ୍ତାର ରହଣି ଥିଲା କିନ୍ତୁ ତାହା ଅଦ୍ୟାବଧି ରହୁନାହିଁ । ପୁଣି ଏଠାରେ ଟିକେଟ ବୁକିଙ୍ଗ ରହିଥିବାସ୍ଥଳେ ଏଠାରେ ଟ୍ରେନର ରହଣିନାହିଁ ରେଳବାଇ ବହୁଟଙ୍କା ରୋଜଗାର କରୁଛି କିନ୍ତୁ ଟ୍ରେନ ରଖିବାର ନା ଧରୁନାହିଁ ଏହାରେଳ ବିଭାଗର ଚରମ ଅବହେଳା ହେଉଛି । ଆଜି ଆମରଣ ଅନଶନ ଧାରଣା ଖବର ଲେଖା ପର୍ଯ୍ୟନ୍ତ କେହି ଉଚ୍ଚପଦସ୍ଥ ଅଧିକାରୀ ଆସିନଥିବା ଜଣାପଡିଛି ।

ରୋଜଗାରର ପନ୍ଥା ପାଲଟିଛି ପାଚେରୀ ମରାମତି

ଖଇରା, ୦୫/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଜଳସେଚନ ବିଭାଗ କାର୍ଯ୍ୟାଳୟ ପାଚେରୀ ମରାମତି ନାମରେ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ନେଇ ସ୍ଥାନୀୟ ଜନସାଧାରଣ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଅର୍ଥ ରୋଜଗାର ପାଇଁ ଦୁର୍ବଳ ଏବଂ ନିମ୍ନମାନର ପାଚେରୀ ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହୋଇଛି । ୟାଶ ବାତ୍ୟାରେ ଗୋଟିଏ ପାର୍ଶ୍ୱ ପାଚେରୀ ଭୁଷୁଡି ପଡିବା ପରେ ଏବେ ୧୦ଲକ୍ଷ ଟଙ୍କା ବ୍ୟୟରେ ତାକୁ ମରାମତି କରାଯାଉଛି । ଚଳିତ ବର୍ଷ ମଧ୍ୟ କାମ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ମାନେ ଅଭି୍ୟୋଗ କରିଛନ୍ତି । ଏହା ପୂର୍ବରୁ ବହୁବାର ମରାମତି ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲେ ହେଁ ବାରମ୍ବାର କେମିତି ନଷ୍ଟ ହେଉଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏବେ ଏହି ପାଚେରୀ ଠିକାଦାର ଓ ଯନ୍ତ୍ରୀମାନଙ୍କର ମୁଖ୍ୟ ରୋଜଗାରର ପନ୍ଥା ବୋଲି ଆଲୋଚିତ ହେଉଛି । ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବାକୁ ଦାବୀ ହୋଇଛି ।

ନାମ୍ପୋ ହାଇସ୍କୁଲରେ ଭିଜିଲାନ୍ସ ଟିମ୍ : ଅନିୟମିତତା ଅଭିଯୋଗ

ଜଳେଶ୍ୱର, ୦୫/୦୪ (ନି.ପ୍ର): ଜଳେଶ୍ୱର ବ୍ଲକର ନାମ୍ପୋ ହାଇସ୍କୁଲରେ ୫ଟି କାର୍ଯ୍ୟରେ କେତେକ ଅନିୟମିତତା, ଗଛକାଟି ବିକ୍ରି କରିବା ଓ ଭଂଗାଇଟା ବିକ୍ରି ଅଭିଯୋଗକୁ ଆଧାର କରି ବାଲେଶ୍ୱର ଜିଲା ଭିଜିଲାନ୍ସ ପକ୍ଷରୁ ଆଜି ଚଢାଉ ଆରମ୍ଭ ହୋଇଛି । ଭିଜିଲାନ୍ସ ଅଫିସର ଡି.କେ ନାୟକଙ୍କ ନେତୃତ୍ୱରେ ୪ଜଣିଆ ଟିମ୍ ବିଭିନ୍ନ କାର୍ଯ୍ୟର ତଦନ୍ତ କରିଛନ୍ତି । ଏବେ ସେଠାରେ ୫ଟି କାର୍ଯ୍ୟ ଚାଲୁଥିବାରୁ କେତେକ ପୁରୁଣା ଘର ଭଂଗା ଯାଇଛି । ସେଥିରୁ ବାହାରିଥିବା ପୁରୁଣା ଇଟା, ଘରତିଆରୀ ସାମଗ୍ରୀ ବେଆଇନ୍‌ଭାବେ ବାହାର ବଜାରରେ ବିକ୍ରି ହୋଇଥିବା ଅଭିଯୋଗ ହୋଇଥିଲା । ସେହିପରି ବିଦ୍ୟାଳୟ ମଧ୍ୟରେ ଥିବା କେତେକ ମୂଲ୍ୟବାନ ଗଛ ବିକ୍ରି ହେବା ସମ୍ପର୍କରେ ଗ୍ରାମର କେତେକ ବ୍ୟକ୍ତି ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ଭିଜିଲାନ୍ସ ଟିମ୍ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ ମଧ୍ୟ ସାଧାରଣରେ ଆଲୋଚନା ଯୋର ଧରିଛି ।

ଡକ୍ଟର ଦେବେନ୍ଦ୍ର ପଟେଲଙ୍କ ଦେହାନ୍ତରେ ଦୁଃଖ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୦୫/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବିଶିଷ୍ଟ ଅଙ୍କୋ-ସର୍ଜନ ଡକ୍ଟର ଦେବେନ୍ଦ୍ର ପଟେଲଙ୍କ ଦେହାନ୍ତରେ ଦୁଃଖ ପ୍ରକାଶ କରିଛନ୍ତି । ସ୍ୱାସ୍ଥ୍ୟ ଭିତ୍ତିଭୂମି ତଥା କର୍କଟ ରୋଗର ଚିକିତ୍ସା କ୍ଷେତ୍ରରେ ଡକ୍ଟର ପଟେଲଙ୍କ ଅବଦାନକୁ ପ୍ରଧାନମନ୍ତ୍ରୀ ମନେ ପକାଇଛନ୍ତି । ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି: "ସ୍ୱାସ୍ଥ୍ୟ ଭିତ୍ତିଭୂମି ତଥା କର୍କଟ ରୋଗର ଚିକିତ୍ସା ପାଇଁ ଡକ୍ଟର ଦେବେନ୍ଦ୍ର ପଟେଲ ଅସଂଖ୍ୟ ଲୋକଙ୍କ ସମ୍ମାନ ଓ ଶୁଭେଚ୍ଛା ଅର୍ଜନ କରିଛନ୍ତି । ଔଷଧ ଏବଂ କରୁଣାମୟ ପ୍ରକୃତି କ୍ଷେତ୍ରରେ ତାଙ୍କର ଗଭୀର ଜ୍ଞାନ ସର୍ବଦା ସ୍ମରଣୀୟ ହୋଇ ରହିବ । ତାଙ୍କ ଦେହାନ୍ତରେ ଅତ୍ୟନ୍ତ ଦୁଃଖିତ । ତାଙ୍କ ପରିବାର ପ୍ରତି ସମବେଦନା । ଓମ୍ ଶାନ୍ତି ।"

ପଲ୍ଲୀଶ୍ରୀ ମେଳା ଏପ୍ରିଲ ୧୧ରୁ୧୫ ପର୍ଯ୍ୟନ୍ତ ଆୟୋଜନ ନେଇ ପ୍ରସ୍ତୁତି

ବାରିପଦା, ୦୫/୦୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଚୈତ୍ର ପର୍ବ-୨୦୨୨ ପାଳନ ଅବସରରେ ଠାରେ ସଦର ମହକୁମା ବାରିପଦା ଛଉ ପଡିଆ ସଂଲଗ୍ନ କଲେଜ ପଡିଆଠାରେ ଓରମାସ ପକ୍ଷରୁ ପଲ୍ଲୀଶ୍ରୀ ମେଳା-୨୦୨୨ ପ୍ରଦର୍ଶନୀ ଚଳିତ ଏପ୍ରିଲ ୧୧ରୁ ୧୫ରାତିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପାଂଚ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ମେଳା ପ୍ରଦର୍ଶନୀ ପ୍ରତ୍ୟେକ ଦିନ ସକାଳ ୧୦ଘଟିକାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବା । ଏହି ପଲ୍ଲଶ୍ରୀ ମେଳାର ସଫଳ ଅୟୋଜନ ସୁପରିଚାଳନା ପାଇଁ ଜିଲ୍ଲାପାଳ ମୟୂରଭଞ୍ଜ ଶ୍ରୀ ବିନୀତ ଭରଦ୍ୱାଜ ଭାପ୍ରସେଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଡେପୁଟି କାର୍ଯ୍ୟନିର୍ବାହୀ ଓରମାସ (ଡିଆରଡିଏ) ପକ୍ଷରୁ ଉପସ୍ଥାପିତ କାର୍ଯ୍ୟ ସୂଚୀ ଉପରେ ସବିଶେଷ ଅଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିରକୃତ ହୋଇଅଛି । ଏଥିପାଇଁ ମୋଟ ୧୪୫ ଷ୍ଟଲ ନିର୍ମାଣ ଓ ଆନୁସଙ୍ଗିକ ବ୍ୟବସ୍ଥା, ମେଳାସ୍ଥଳରେ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ପ୍ରାଥମିକ ଚିକିତ୍ସା ସେବା, ପୋଲିସ ନିରାପତା, ଅଗ୍ନିଶମ ସେବା ବ୍ୟବସ୍ଥା, ଆବାସ ଓ ରହଣୀ ବ୍ୟବସ୍ଥା ଏବଂ ସର୍ବୋପରି ପଲ୍ଲଶ୍ରୀ ମେଳା ପ୍ରଦର୍ଶନର ପ୍ରଚାର ପ୍ରସାର କରାଯିବା ଦିଗରେ ବିଶେଷ ଧ୍ୟାନ ଦେଇ କାର୍ଯ୍ୟକ୍ରମ ତ୍ୱରାନିତ କରିବା ପାଇଁ ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଛନ୍ତି । ସୂଚନା ଯୋଗ୍ୟ ଏହି ପଲ୍ଲୀଶ୍ରୀ ମେଳା ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସଂପୃକ୍ତ ଡିଆରଡିଏ / ଓରମାସ୍, ବୟନ ଓ ହସ୍ତତନ୍ତ ଶିଳ୍ପ, ଖଦୀ ଓ ଗ୍ରାମ୍ୟ ଉଦ୍ୟୋଗ ଦ୍ୱାରା ପ୍ରୟୋଜିତ ବିଭିନ୍ନ ସ୍ୱୟଂ ସହାୟୀକା ଗୋଷ୍ଠୀ ଓ ଗ୍ରାମ୍ୟ କାରିଗରୀ ଏବଂ ଉଦ୍ୟୋଗୀ ମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ / ସାମଗ୍ରୀ ଓ କୁଟୀର ଶିଳ୍ପ କାରୁକାର